୬ ▶ ସିରିଜ୍ ଆରମ୍ଭରୁ ଘରକୁ ଫେରିଆସିଲେ ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୬ ● ୧୪ ଜୁନ୍ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-136 ● 14th June 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ

# ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ

କଟକ/ଭୁବନେଶ୍ୱର, ୧୩।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆ ଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଆୟୋଜିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ଯେ, ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା। ଏହି ସମାବେଶର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି, ଆମର ଏହି ନାରୀ ଶକ୍ତି ସମାବେଶ । କାରଣ ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇ ପାରିବ ନାହିଁ। ଐତିହାସିକ ସହର କଟକ ଠାରେ



ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ ଓଡିଶାର ମାଆ ଓ ଭଉଣୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ ନିଶ୍ଚିତ ।

ନାରୀମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନା ହେଉଛି ଓଡିଶାର ଇତିହାସରେ ସବୁଠାରୁ ବଡ ମହିଳା କଲ୍ୟାଣ କାର୍ଯ୍ୟକ୍ରମ। କେବଳ ମହିଳା ନୁହେଁ ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନ ଥିଲା। ଆମ ସରକାର ଓଡିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛନ୍ତି । ଘରକୁ ଘର ବୁଲି, ଆମେ ଅଧିକାଂଶ ପରିବାର ସହିତ ଯୋଗାଯୋଗ କରିଛୁ। ବିଶେଷ କରି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠାରେ ମା'ମାନେ ଏତେ ସଚେତନ ନୁହନ୍ତି, ସେଠାରୁ ତଥ୍ୟ ଅଣାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡାଯାଇଛି । ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ କହିଥିଲେ ଯେ, ଓଡିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା'ମାନେ ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାର ପାଇଁ ଭଲ ରୋଜଗାର କରୁଛନ୍ତି । ଏହି ସୁଭଦ୍ରା ସହାୟତା ହେଉଛି ମାଆ ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ଏକ ଲମ୍ବା ଯାତ୍ରା । ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲକ୍ଷପତି ଦିଦି ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ, *(ପୃଷ୍ଠା ୭ରେ)*

# ରମେଶଙ୍କୁ ହସ୍ପିଟାଲରେ ଭେଟିଲେ ମୋଦୀ

ଅହମ୍ମଦାବାଦ, ୧୩।୬

ଅହମ୍ମଦାବାଦରେ ଗତ ୧୨ ତାରିଖରେ ହୋଇଥିବା ଭୟାବହ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୪୧ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ଏକମାତ୍ର ବିମାନ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଛନ୍ତି । ଏହି ଭାଗ୍ୟବାନ ବ୍ୟକ୍ତିଙ୍କ ନାମ ବିଶ୍ୱାଶ କୁମାର ରମେଶ। ଯିଏକି ଜଣେ ବ୍ରିଟିଶ ନାଗରିକ ଥିବା ଜଣାପଡ଼ିଛି।

ଗୁରୁତର ଅବସ୍ଥାରେ ରମେଶଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ହସ୍ପିଟାଲରେ ରମେଶଙ୍କୁ ଭେଟି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।

ଏହି ସମୟର ଏକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଯେଉଁଥିରେ ରମେଶ ହସ୍ପିଟାଲର ୧୧ନମ୍ବର ୱାର୍ଡରେ ଭର୍ତ୍ତି ହୋଇଥିବା ସ୍ପଷ୍ଟ ଭାବେ



ଦେଖିବାକୁ ମିଳିଛି । ଏହି ନମ୍ବର ରମେଶଙ୍କ ପାଇଁ ଲକି ବୋଲି ଚର୍ଚ୍ଚା ଜୋର ଧରିଛି । କାରଣ ବିମାରେ ବସିଥିବା ୨୪୧ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ରମେଶ ଏକମାତ୍ର ଯାତ୍ରୀ ଯିଏକି ବଞ୍ଚିଯାଇଛନ୍ତି । ଏ କଥାକୁ ରମେଶ ନିଜେ ବି ବିଶ୍ୱାସ କରି ପାରୁ ନାହାନ୍ତି।


ରମେଶ କହିଛନ୍ତି, ୧୧ନମ୍ବର ସିଟରେ ବସିଥିବାରୁ ମୁଁ ଦ୍ୱିତୀୟ ଜନ୍ମ ପାଇଲା ଭଳି ଲାଗୁଛି। ବିମାନର ବାମ ପାର୍ଶ୍ୱରେ ଜରୁରୀକାଳୀନ ଦ୍ୱାର ପାଖରେ ୧୧ଏ ସିଟ୍‌ରେ ବସିଥିଲି । ବିମାନ ଉଡ଼ାଣ ଭରିବା ପରେ ହଠାତ ଭାଙ୍ଗି ଯାଇଥିଲା । ଏହାପରେ ମୁଁ ସିଟରୁ ଝିଟିକି ତଳକୁ ପଡ଼ିଯାଇଥିଲି। ଫଳସ୍ୱରୂପ ମୋ ଜୀବନ ରକ୍ଷା ପାଇଯାଇଥିଲା।

# ବୋଇଂ ୮୭୮ ବିମାନର ସୁରକ୍ଷା ଯାଞ୍ଚ ହେବ

ଅହମ୍ମଦାବାଦ, ୧୩।୬

ଗୁଜରାଟର ଅହମ୍ମଦାବାଦରେ ଗତ ୧୨ ତାରିଖରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣା ପରେ, ବେସାମରିକ ବିମାନଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ପକ୍ଷରୁ ବୋଇଂ ୭୮୭-୮/୯ ବିମାନର ସୁରକ୍ଷା ଯାଞ୍ଚ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ନୂତନ ନିର୍ଦ୍ଦେଶ ୧୫ ଜୁନ ୨୦୨୫ରୁ କାର୍ଯ୍ୟକାରୀ ହେବ। ଉଡ଼ାଣ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଯାଞ୍ଚ ପାଇଁ ଡିଜିସିଏ ନିର୍ଦ୍ଦେଶ ଦେଇଛନ୍ତି।

ଡିଜିସିଏ ଦ୍ୱାରା ଦିଆଯାଇଥିବା




ନିର୍ଦ୍ଦେଶ ଅନୁଯାୟୀ, ଉଡ଼ାଣ ପୂର୍ବରୁ ଇନ୍ଧନ ପାରାମିଟର ମନିଟରିଂ ଏବଂ ସମ୍ବନ୍ଧିତ ସିଷ୍ଟମ ଯାଞ୍ଚ କରାଯିବ। ଏହା ବ୍ୟତୀତ, କ୍ୟାବିନ ଏୟାର କମ୍ପ୍ରେସର, ଇଲେକ୍ଟ୍ରୋନିକ ଇଞ୍ଜିନ କଣ୍ଟ୍ରୋଲ ସିଷ୍ଟମ, ଇଞ୍ଜିନ ଫୁଏଲ ଡ୍ରିଭେନ ଆକ୍ଟିଏଟର, ହାଇଡ୍ରୋଲିକ ସିଷ୍ଟମର ସେବାଯୋଗ୍ୟତା ଏବଂ ଉଡ଼ାଣ ପାରାମିଟରଗୁଡ଼ିକର କାର୍ଯ୍ୟକ୍ଷମତା ପରୀକ୍ଷା ଓ ସମୀକ୍ଷା କରାଯିବ।

ଡିଜିସିଏ କହିଛି ଯେ ଏବେ ଟ୍ରାଞ୍ଜିଟ ଯାଞ୍ଚରେ ଉଡ଼ାଣ ନିୟନ୍ତ୍ରଣ ଯାଞ୍ଚ ବାଧ୍ୟତାମୂଳକ ହେବ। ଯାହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ । ସେହି ସମୟରେ, ବିଦ୍ୟୁତ ନିଶ୍ଚିତତା ଯାଞ୍ଚ ଦୁଇ ସପ୍ତାହ ମଧ୍ୟରେ କରିବାକୁ ପଡିବ। ଗତ ୧୫ ଦିନ ମଧ୍ୟରେ ବାରମ୍ବାର ବୈଷୟିକ ସମସ୍ୟାର ସମୀକ୍ଷା ଆଧାରରେ, ଡିଜିସିଏ ଯଥାଶୀଘ୍ର ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛି।

## ମିଳିଲା ବ୍ଲାକ ବକ୍ସ : ତଦନ୍ତ ଜାରି

ଅହମ୍ମଦାବାଦ, ୧୩।୬

ଅହମ୍ମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାର ତଦନ୍ତ ଜାରି ରହିଛି। ଫରେନସିକ ବିଶେଷଜ୍ଞମାନେ ଶୁକ୍ରବାର ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ପରୀକ୍ଷାନିରୀକ୍ଷା କରିଛନ୍ତି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣାସ୍ଥଳରୁ ଏକ ବ୍ଲାକ ବକ୍ସ ଉଦ୍ଧାର କରାଯାଇଛି। ଅନୁସନ୍ଧାନକାରୀମାନେ ଦୁର୍ଘଟଣା ସ୍ଥଳରୁ ଡିଜିଟାଲ ଫ୍ଲାଇଟ ଡାଟା ରେକର୍ଡର ମଧ ଉଦ୍ଧାର କରିଛନ୍ତି। ଏହା ପୂର୍ବରୁ, ଗୁଜରାଟ ଆତଙ୍କବାଦ ବିରୋଧୀ ସ୍କ୍ୱାର୍ଡ (ଏଟିଏସ୍) *(ପୃଷ୍ଠା ୭ରେ)*

# ୩୮୭୮.୮୬ କୋଟିର ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟିର ମଞ୍ଜୁରୀ

ଭୁବନେଶ୍ୱର, ୧୩।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପୁଞ୍ଜିନିବେଶ ପ୍ରକ୍ରିୟାକୁ ଗତିଶୀଳ କରିବା ନିମନ୍ତେ ଶୁକ୍ରବାର ୩୮୭୮.୮୬କୋଟି ଟଙ୍କାର ୧୭ଟି ନିବେଶ ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ୧୧ଟି ଜିଲ୍ଲାରେ ପ୍ରାୟ ୧୦୫୮୪ଟି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ ଆକଳନ କରାଯାଇଛି ।

ଶୁକ୍ରବାର ଲୋକସେବାଭବନ ଠାରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ବୈଠକରେ ପ୍ଲାଷ୍ଟିକ, ଟେକ୍ସଟାଇଲ, ଇଲୋକ୍ଟ୍ରୋନିକ୍ସ, ଫୁଡ ପ୍ରୋସେସିଂ, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଲଜିଷ୍ଟିକ ଓ କେମିକାଲ ଆଦି କ୍ଷେତ୍ରର ୧୭ଟି ନିବେଶ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ।



ପ୍ଲାଷ୍ଟିକ କ୍ଷେତ୍ରରେ ୬ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଯେଉଁଥିରେ ଖୋର୍ଦ୍ଧାରେ ୬୫୦.୨୩ କୋଟି ଟଙ୍କା ବ୍ୟୟରେ ରିସାଇକ୍ଲିଂ ଫ୍ଲେକ୍ସ ଆଣ୍ଡ ପେଲେଟ ତିଆରି କାରଖାନା ରହିଛି । ଏହି ପ୍ରକଳ୍ପରେ ୬୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସେହିପରି ଖୋର୍ଦ୍ଧାରେ ଏମ୍‌ଏଏସ୍ ଇଣ୍ଡିଆ କ୍ଲଥିଂ ପ୍ରାଇଭେଟ୍ ଲିମିଟେଡ୍ ଟେକ୍ସଟାଇଲ ପ୍ରୋସେସିଂ ମିଲ ପାଇଁ ୮୮୫ କୋଟି ଟଙ୍କା ନିବେଶ କରିବ ଓ ୧୭୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଲଜିପାର୍କ ପ୍ରାଇଭେଟ୍ ଲିମିଟେଡ୍ ୨୧୮.୮୦ କୋଟି ଟଙ୍କା ବ୍ୟୟରେ ଲଜିଷ୍ଟିକସ ପାର୍କ ନିର୍ମାଣ କରିବ ଓ *(ପୃଷ୍ଠା ୭ରେ)*

# ଇସ୍ରାଏଲ-ଇରାନ ଉତ୍ତେଜନା ନେଇ ଭାରତର ଉଦ୍‌ବେଗ

ନୂଆଦିଲ୍ଲୀ, ୧୩।୬

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଉତ୍ତେଜନାକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ହିଂସା ପଥ ଛାଡ଼ି କୂଟନୈତିକ ସ୍ତରରେ ଆଲୋଚନା ଜରିଆରେ ଦୁଇ ଦେଶ ପରସ୍ପର ମଧ୍ୟରେ ଥିବା ବିବାଦକୁ ସମାଧାନ କରିବା ଲାଗି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହଯାଇଛି। ଇସ୍ରାଏଲ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ଇରାନ ଉପରେ ଆକ୍ରମଣ କରାଯାଇଥିଲା। ଏହା ପରେ ଇରାନ ପାଲଟା ଜବାବ ଦେଇଛି। ଭାରତ ଉଭୟ ଦେଶକୁ ଆକ୍ରମଣ ପ୍ରତିଆକ୍ରମଣରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଦୁଇ ଦେଶ ମଧ୍ୟରେ ଲାଗିଥିବା ଉତ୍ତେଜନା ଉପରେ ଭାରତ ନଜର ରଖିଛି। *(ପୃଷ୍ଠା ୭ରେ)*

## ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଭତ୍ତା ବୃଦ୍ଧି

ଭୁବନେଶ୍ୱର, ୧୩।୬
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ଦୈନିକ ଭତ୍ତା ପରିମାଣ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କର ଦୈନିକ ଡ୍ୟୁଟି ଭତ୍ତା *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଆଧୁନିକତାର ଉଗ୍ରରୂପ ନେଇ
ପାଳନ ହେଉଛି ରଜ
ପୁରୁଣା ପ୍ରଥାରେ ରଙ୍ଗବଦଳେଇ
ଝିଅ ବୋହୂ ସଜବାଜ
ଟୋକାଙ୍କ ଅଲଗା ମୌଜ
କମ୍ପିଟିସନରେ ଦୋଳି ବଦଳିଛି
ହଜେ ପୋଡପିଠା, ହାତୀ, ଲାଜ।

# ୨ ଦୁର୍ଦ୍ଧାନ୍ତ ମାଓବାଦୀ ଗିରଫ

ମାଲକାନଗିରି, ୧୩।୬ : ନ୍ୟୁଜ୍ ବ୍ୟୁରୋ

ମାଓବାଦୀ ଅଭିଯାନ କ୍ଷେତ୍ରରେ ମାଲକାନଗିରି ପୋଲିସକୁ ଶୁକ୍ରବାର ଏକ ବଡ ସଫଳତା ମିଳିଛି । ଦୁଇ ଜଣ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଦୁଇ ମାଓବାଦୀ ହେଉଛନ୍ତି କେସା କାସି ଓ ରାକେଶ ଓରଫ ସାନୁ କୁଞ୍ଜାମ। ମାଓବାଦୀ କେସା କାସିର ଘର ଛତିଶଗଡ଼ର ବସ୍ତର ଜିଲ୍ଲା ଦରବା ଥାନା ଅଞ୍ଚଳରେ ଏବଂ ସାନୁ କୁଞ୍ଜାମ ଓରଫ ରାକେଶ ଛତିଶଗଡ଼ର ବିଜାପୁର ଜିଲ୍ଲା ଗାଙ୍ଗଲୁର ଥାନା ଅଞ୍ଚଳରେ । ଉଭୟଙ୍କ ନିକଟରୁ ଗୋଟିଏ ପିସ୍ତଲ, ୬ ରାଉଣ୍ଡ ଗୁଳି, ଇଲେକ୍ଟ୍ରିକ ଡିଟୋନେଟର୍, କୋଡେକ୍ସ ତାର, ଗନ ପାଉଡର୍, ୱାକିଟକି, ବ୍ୟାଟେରୀ, ମାଓବାଦୀ ପୁସ୍ତିକା ସମେତ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି । ଉଲ୍ଲେଖ ଯୋଗ୍ୟ ଯେ, ଗତ ଜୁନ ୧୨ ତାରିଖ ବିଳମ୍ବିତ ରାତି ସମୟରେ ମାଥିଲି ଥାନା ଅଧୀନ ସୋଡିଗୁଡ଼ା ଏବଂ ତେନ୍ତୁଲିଗୁଡ଼ା ଗ୍ରାମ ନିକଟସ୍ଥ *(ପୃଷ୍ଠା ୭ରେ)*

# ପୁଣି ଫେରିବ ମୌସୁମୀ ବର୍ଷା !



ଭୁବନେଶ୍ୱର, ୧୩।୬ : ନ୍ୟୁଜ୍ ବ୍ୟୁରୋ

ଏଥର ରଜ ଫିକା ପଡ଼ିବ ! ପାଗ ବଦଳିଥିବାରୁ ମୌସୁମୀ ବର୍ଷାରେ ଓଡ଼ିଶା ଭିଜିବ। ୧୮ ତାରିଖ ବେଳକୁ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର-ଓଡ଼ିଶା ଓ ଝାଡ଼ଖଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଅଛି, ଯାହା ମୌସୁମୀ ବର୍ଷାକୁ ଅଧିକ ସକ୍ରିୟ କରିବା ପାଇଁ ବଳ ଯୋଗାଇପାରେ।

ଆଗାମୀ ୭ ଦିନ ପାଇଁ ରାଜ୍ୟରେ ଲାଗିରହିବ ବର୍ଷା। ଅସହ୍ୟ ଗରମ ଓ ଗୁଳୁଗୁଳି ଭିତରେ ରାଜ୍ୟର ଅନେକ ଜିଲ୍ଲାରେ ହେବ ମୌସୁମୀ ବର୍ଷା । କିଛି କିଛି ଜିଲ୍ଲାରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଶନିବାରଠାରୁ ଦିନ ତାପମାତ୍ରାରେ ପରିବର୍ତ୍ତନ ହେବ ଆଉ ୨ରୁ ୩ ଡିଗ୍ରୀ ତାପମାତ୍ରା ଖସିବ।

ଶନିବାର ପାଇଁ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଭିତରେ ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ *(ପୃଷ୍ଠା ୭ରେ)*

DADLS -31



ରଜ ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଜୁନ୍ ୨୦୨୫ ଶନିବାର





# ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୭ରେ ବଲାଙ୍ଗିର ଆସିବେ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ରବି ନାରାୟଣ ନାଏକ ଦିନିକିଆ ଜିଲ୍ଲା ଗସ୍ତରେ ଆସି ସ୍ଥାନୀୟ ଡିଏଫଓ ସମ୍ମିଳନୀ କକ୍ଷଠାରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ଆସନ୍ତା ୧୭ ତାରିଖ ପଥରଚେପା ପଡିଆରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ । ବିଭିନ୍ନ ଜିଲ୍ଲାରୁ ଦଶ ହଜାରରୁ ଅଧିକ ଚାଷୀଙ୍କ ସମାଗମ ହେବ ବୋଲି ଆଲୋଚନା ହୋଇଥିଲା । ସେ ବାବଦରେ ମଧ୍ୟ ସମୀକ୍ଷା ହୋଇଥିଲା । ପାର୍କିଂ, ସୁରକ୍ଷା, ପ୍ରଚାରପ୍ରସାର ଆଦି ଉପରେ ଆଲୋଚନା ହୋଇଥିଲା । ଚାଷୀମାନଙ୍କ ପାଇଁ କୃଷିକ୍ଷେତ୍ରରେ ଯାହା ଗତ ବର୍ଷେ ମଧ୍ୟରେ ଯୋଜନା ହୋଇଛି ଏବଂ ଆଗାମୀ ଯୋଜନା ଗୁଡିକ ଫୋକସରେ ରହିବ । ଜିଲ୍ଲାର ସମସ୍ତ ଅଞ୍ଚଳର ଆମ୍ବକୁ ନେଇ ଏକ ପ୍ରଦର୍ଶନୀ, ମା' ପାଇଁ ଗଛଟିଏରେ ଚାରା ଯୋଗାଣ, ୧୦ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା ଦେବା ସ୍ଥିରକୃତ ହୋଇଥିଲା । ଏହା ପୂର୍ବରୁ ଆସନ୍ତା ୧୨ ତାରିଖରେ ଶୁଭାରମ୍ଭ ହେବାକୁଥିବା ବିକାଶ ବାହନ ଯାତ୍ରା ଭ୍ୟାନରେ ସରକାରଙ୍କ ବିଭିନ୍ନ ଯୋଜନାର ଭିଡିଓ ବ୍ଲକ ଏବଂ ଗ୍ରାମ ପଞ୍ଚାୟତକୁ ଯାଇ ଲୋକଙ୍କୁ ସଚେତନ କରିବା ସେ ବାବଦରେ ଆଲୋଚନା ହୋଇଥିଲା । ଏହି ସମାବେଶକୁ ସଫଳ କରିବାକୁ ଉପମୁଖ୍ୟମନ୍ତ୍ରୀ ଏବଂ ପ୍ରଭାରି ମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସମୀକ୍ଷା ବୈଠକ ଆରମ୍ଭରେ ଜିଲ୍ଲାପାଳ ଗୌରଙ୍ଗ ଶୀଓ୍ୱାଜୀ ଇସାଲଓ୍ୱାର ସ୍ୱାଗତ ଭାଷଣ ଦେବା ସହ ପ୍ରାକ ସୂଚନା ପ୍ରଦାନ କରିଥିଲେ ଓ ଏହାପରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଟ, କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଓଡ଼ିଶା ରାଜ୍ୟ ସହକାରୀ ଦୁଧ ଉତ୍ପାଦକ ସଂଘର ମ୍ୟାନେଜିଂ ଡାଇରେକ୍ଟର ବିଜୟ ଅମୃତ କୁଲାଙ୍ଗେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଭିଳାଷ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ବିଜୟାନନ୍ଦ ସେଠୀ ସମସ୍ତ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀଗଣ ଯୋଗଦେଇଥିଲେ ।

# ସରକାରୀ ଯୋଜନାରୁ ସୁବିଧା ନେବାକୁ ଆହ୍ୱାନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ତେଲକୋଇ ବ୍ଲକ ସ୍ଥିତ ବିମଳା ଗ୍ରାମରେ ଆୟୋଜିତ ବିକଶିତ କୃଷି ସଂକଳ୍ପ ଅଭିଯାନରେ ମୁଖ୍ୟ ଅତିଥି ଭାବେ ତେଲକୋଇ ବିଧାୟକ ଡାଃ ଫକିର ମୋହନ ନାଏକ ଉପସ୍ଥିତ ଜନତାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଏହାର ସୁବିଧା ନେବାକୁ ଆହ୍ୱାନ ଦେଇଥିଲେ । ଅଭିଯାନ ସଭା ପୂର୍ବରୁ ଶ୍ରୀ ଅନ୍ନ ଯୋଜନାରେ ଡ଼ିପିଏମ ଅଭିଷେକ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଖାଦ୍ୟ ମେଳା ଓ ପ୍ରଦର୍ଶନୀକୁ ବିଧାୟକ ଡାଃ ନାଏକ ଫିତା କାଟି ଉଦଘାଟନ କରିବା ସହିତ ପ୍ରଦର୍ଶିତ ହେଇଥିବା ଲଘୁଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ପଦାର୍ଥର ସ୍ୱାଦ ପରଖିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ସଭାକୁ ମା' ତାରିଣୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ତଥା ପ୍ରଦୀପ ପ୍ରଜ୍ୱଳନ କରି ବିଧାୟକ ତେଲକୋଇ ଶ୍ରୀ ନାଏକ ଉଦଘାଟନ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ବିଧାୟକ ଉପସ୍ଥିତ ଜନତାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଗତ ବର୍ଷର ସଫଳତା ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ସୁବ୍ରତ କୁମାର ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, କେନ୍ଦୁଝର ଅଶୋକ କୁମାର ସେନାପତି, ଶିଓ୍ୱା, ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡାଃ ପ୍ରବୀଣ ଜାଖର, ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର



ବିଶ୍ୱଜୟୀ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ ପ୍ରଭୃତି ନିଜ ନିଜ ବିଭାଗ ଓ ଅନୁଷ୍ଠାନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିବା କୃଷକ କଲ୍ୟାଣକାରୀ ଯୋଜନା ଓ ଆଧୁନିକ ଚାଷ କୌଶଳ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଉପସ୍ଥିତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଶିଓ୍ୱା, ଭୁବନେଶ୍ୱରର ଅନ୍ୟତମ ବୈଜ୍ଞାନିକ ଡ. ନିତୀଶ କୁମାର ଡ୍ରୋନ୍ ମାଧ୍ୟମରେ କୃଷି କ୍ଷେତ୍ରରେ ସାର ଏବଂ କୀଟନାଶକ ଔଷଧ ପ୍ରୟୋଗର କୌଶଳ ପ୍ରଦର୍ଶନ କରି ଦେଖାଇଥିଲେ । ଚାଷୀ ଭାଇ ଓ ଭଉଣୀ ମାନଙ୍କ ଦ୍ୱାରା ଏହାର ପରିଚାଳନା ସମ୍ଭବ କି ନାହିଁ ତାହା ବିଧାୟକ ଡ୍ରୋନ୍ ଚଳାଇ ପରଖିଥିଲେ । ତେଲକୋଇ ପଞ୍ଚାୟତ ସମିତିର ଉପାଧକ୍ଷା ରଞ୍ଜିତା ମହାନ୍ତ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ । ସଭାକୁ ସ୍ଥାନୀୟ ବ୍ଲକ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡାଃ ଲୀପସା ଦାସ ଓ ସିପ୍ରା ଦାସ ପ୍ରମୁଖ ପରିଚାଳନା କରିଥିଲେ । ସଭା ଶେଷରେ ଉପସ୍ଥିତ ଅତିଥି, ଅଧିକାରୀ, ଚାଷୀ ଭାଇ ଓ ଭଉଣୀ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖମାନଙ୍କୁ ଶ୍ରୀ ଅନ୍ନ ଯୋଜନା ମାଧ୍ୟମରେ ପ୍ରଦର୍ଶନ କରାଯାଇଥିବା ଖାଦ୍ୟ ପଦାର୍ଥ ପରଷା ଯାଇଥିଲା । କୃଷିରଥ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାରିତ ଓ ପ୍ରସାରିତ ବିଭିନ୍ନ ଯୋଜନାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଭାଇ ଓ ଭଉଣୀ ମାନେ ଉପଭୋଗ କରିଥିଲେ । ଅଭିଯାନ ପୂର୍ବରୁ ପ୍ରାଣୀସମ୍ପଦ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରଙ୍କ ସହଭାଗିତାରେ ଆୟୋଜିତ ପ୍ରାଣୀ ଟୀକାକରଣ କାର୍ଯ୍ୟକ୍ରମକୁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ସୁବ୍ରତ କୁମାର ନାୟକ, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଅଭିଷେକ ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡାଃ ଲୀପସା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ମା'ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓଏଲଏମ ଓ ମିଶନ ଶକ୍ତି ପକ୍ଷରୁ ଏକ ସୁଭଦ୍ରା ଶକ୍ତି ସୁଷମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ବିଡିଓ ଜଳେଶ୍ୱର ଗୌରାଙ୍ଗ ଚରଣ ଘୋଷ ଏବଂ ବ୍ଲକ ଜୀବିକା ମିଶନ ପ୍ରକଳ୍ପ ମ୍ୟାନେଜର ନିରଞ୍ଜନ ନାୟକ ଓ ମିଶନ ଶକ୍ତି ବ୍ଲକ ସଂଯୋଜକ ସନ୍ତୋଷ କୁମାର ପାତ୍ରଙ୍କ ମିଳିତ ତତ୍ତ୍ୱାବଧାନରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୁଭଦ୍ରା ଶକ୍ତି ପାରମ୍ପରିକ ସୁଷମ ଖାଦ୍ୟ ପ୍ରତିଯୋଗିତା ଆରମ୍ଭ କରି ପରସ୍ପର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଆରୁହା ଗ୍ରାମ ପଞ୍ଚାୟତ ସ୍ଥିତ ଆରୁହା ଗ୍ରାମର ମା' ପାର୍ବତୀ ଏସଏଚଜି, ନିମପୁର ଗ୍ରାମର ମା' ମନସା ଏସଏଚଜି, ବାବା ଚନ୍ଦନେଶ୍ୱର ଏସଏଚଜି, ଶୁଭଶ୍ରୀ ଏସଏଚଜି, ଚକବାବନ ଗ୍ରାମରର ଭାଗବତ ଏସଏଚଜି, ରାଜପୁର ଗ୍ରାମ ପଞ୍ଚାୟତର ମା' ଅମ୍ବିକା ଏସଏଚଜି, ଲକ୍ଷ୍ମୀ ପ୍ରତିମା ଏସଏଚଜି, ନାମୋ ପଞ୍ଚାୟତର ମା' ଦୁର୍ଗା ଏସଏଚଜି, ଡିପିପୁର ପଞ୍ଚାୟତର ଶିବଶକ୍ତି ଏସଏଚଜି ଓ ଜଳେଶ୍ୱର ମ୍ୟୁନିସିପାଲିଟି ଓ୍ୱାର୍ଡ଼ ନମ୍ବର (୮) ପଞ୍ଚୁଘଣ୍ଟା ଗ୍ରାମର ଲକ୍ଷ୍ମୀ ଏସଏଚଜି, ଓ୍ୱାର୍ଡ଼ ନମ୍ବର (୧୦) ଶାନ୍ତିଆ ଗ୍ରାମର ଚଣ୍ଡି ମାତା ଏସଏଚଜି ଆଦି (୧୧)ଟି ଏସ୍‌ଏଚ୍‌ଜି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ ଓ



ଉପସ୍ଥିତ ଥିବା ସମସ୍ତଙ୍କୁ ଖାଦ୍ୟ ପରୋସୀ ଥିଲେ। ସରକାରଙ୍କ ଦ୍ୱାରା ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ହେମନ୍ତ ସିଂ, ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଗୋଷ୍ଠୀ ସଂଯୋଜିକା ଜ୍ୟୋତ୍ସ୍ନା ରାଣୀ ପତି, ଭାରପ୍ରାପ୍ତ ସିଡିପିଓ ପାର୍ବତୀ ହେମ୍ବ୍ରମ, ଜଳେଶ୍ୱର ଡିଗ୍ରୀ ମହା ବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ଅଧାପିକା ସୁସ୍ମିତା ବେହେରା, ବ୍ଲକ ସେକ୍ସନ ଅଫିସର ମନ୍ଦାକିନୀ ସିଂ ରହି ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇ ତା'ର ମାନ ପରୀକ୍ଷା କରି ସେଥିରୁ ପ୍ରଥମ ଓ ଦ୍ୱିତୀୟ ଚୟନ କରିଥିଲେ । ଏସ୍‌ଏଚ୍‌ଜି ମାନେ ପାରମ୍ପାରିକ ପିଠା ଓ ମିଠା, ମାଣ୍ଡିଆ ପିଠା, ଭେଲ ପୁରୀ, ପୋଡ଼ ପିଠା, ଏଣ୍ଡୁରି ପିଠା, ମଣ୍ଡା ପିଠା, ରସାବଳୀ, ଛେନା ଝିଲି, ଛେନା ପୋଡ଼ ସହିତ ପାରମ୍ପାରିକ ମଧ୍ୟରେ ବରା, ଚାଟ୍, ଘୁଗୁନି, ଇଟିଲି, କାକୁଡି, ଚୂଡ଼ାଘସା, ଦହିବରା ଆଳୁଦମ ଓ ଉପମା ଆଦି ସୁଆଦିଆ ଖାଦ୍ୟ ତିଆରି କରି ପରିବେଷଣ କରିଥିଲେ । ଉକ୍ତ ଏସଏଚଜି ମଧ୍ୟରୁ ୮ ନମ୍ବର ଓ୍ୱାର୍ଡ଼ ପଞ୍ଚୁଘଣ୍ଟାର ମା' ଲକ୍ଷ୍ମୀ ଏସଏଚଜି ପ୍ରଥମ ସ୍ଥାନ ଅଧିକାର ଗ୍ରହଣ କରି ୫ ହଜାର ଟଙ୍କା ଅର୍ଥ ଆକାରରେ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଆରୁହା ଗ୍ରାମ ପଞ୍ଚାୟତର ନିମପୁର ଗ୍ରାମର ଶୁଭଶ୍ରୀ ଏସଏଚଜି ଦ୍ୱିତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପାଇବା ପାଇଁ ଯୋଗ୍ୟ ହୋଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଶେଷରେ ବ୍ଲକ ଅଧିକାରୀ ସାମ୍ବାଦିକ ଓ ଉପସ୍ଥିତ ଥିବା ସରପଞ୍ଚ ସଦସ୍ୟମାନେ ମା'ମାନଙ୍କ ହାତ ତିଆରି ସୁଷମ ଖାଦ୍ୟ ଖାଇଥିଲେ।

# ଆଧାର କାର୍ଡରୁ ବଞ୍ଚିତ ଭିନ୍ନକ୍ଷମ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକରେ ଅନେକ ଭିନ୍ନକ୍ଷମ ରହିଛନ୍ତି, ଯେଉଁମାନେ ଶତକଡା ୮୦ ପ୍ରତିଶତ ଭିନ୍ନକ୍ଷମ ଅଛନ୍ତି। ସେମାନଙ୍କ ଆଧାର କାର୍ଡ କରିବା ପାଇଁ ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖାଯାଉଛି। କାରଣ ସେମାନଙ୍କର କାହାର ଆଙ୍ଗୁଠି ମୁଦ୍ରଣ ଚିହ୍ନଟ ହେଉନଥିବା ବେଳେ କାହାର ଆଖିର ପରିକ୍ଷଣ ହେଉନାହିଁ, ଯାହାଦ୍ୱାରା ଆଧାର କାର୍ଡ କରିବା ବିଫଳ ହୋଇଯାଉଛି। ଫଳରେ ବୈପାରିଗୁଡାର ଭିନ୍ନକ୍ଷମ ମାନେ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ଏଥିନିମନ୍ତେ ଭିନ୍ନକ୍ଷମମାନେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଗୁହାରି ଜଣାଇଛନ୍ତି।



# ବିଜେପି ମହିଳା ମୋର୍ଚ୍ଚା ତରଫରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ତରଫରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବରିଷ୍ଠ ବିଜେପି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ମହିଳା ମୋର୍ଚ୍ଚାର ସଭ୍ୟାମାନେ ଜାମୁ, ପିଜୁଳି, ଦେବଦାରୁ, ଚମ୍ପା, କଦମ୍ବ, ଅଶୋକ, ବେଲ ପ୍ରଭୃତି ବୃକ୍ଷ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବନ୍ଦନା ରାଉତରାୟ, ପ୍ରିୟଙ୍କା ଶତପଥୀ, ରଶ୍ମିତା ସାହୁ, ସସ୍ମିତା ସାମଲ, ତନୁଜା ଥାପ୍ପା, ରେଖା ରାଉଳ, ପଙ୍କଜିନୀ ସାମଲ, ଗୋପାଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବସିଛି ଶ୍ରମିକ, ଖଟୁଛି ମେସିନ:ପୋଖରୀ ଉନ୍ନତି କରଣ ନାଁରେ ଲକ୍ଷଲକ୍ଷ ହରିଲୁଟ୍ ଅଭିଯୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍‌ରେ ମନରେଗା ଯୋଜନାରେ ଅନିୟମିତତା ଅଭିଯୋଗ । ମେସିନ୍‌ରେ କାମ କରି ଶ୍ରମିକଙ୍କ ନାଁରେ ଟଙ୍କା ହଡପ କରିବାକୁ ଯୋଜନା କରାଯାଇଛି। ଖାଲି ଏତିକି ନୁହେଁ ସୂଚନାଫଳକ ଟାପି ଦେଇ ସୂଚନା ଲୁଚେଇବାକୁ ଚାଲିଛି ପ୍ରୟାସ। ଶ୍ରମିକ ବଦଳରେ ଦିନ ରାତି ମେସିନ୍ ଲଗାଇ ନିର୍ମାଣ କାମ ଚାଲିଛି । ବାସ୍ତବରେ ମୁଲ ଲାଗି ଗୁଜୁରାଣ ମେଣ୍ଟାଇଥିବା ଶ୍ରମିକଙ୍କୁ କାମ ନଦେଇ ଜାଗଜପତ୍ରରେ କିଛି ଶ୍ରମିକଙ୍କୁ ଡାଲ କରି କିଛି କର୍ମଚାରୀ ନିଜ ପକେଟ୍ ଗରମ କରୁଥିବା ଅଭିଯୋଗ ହେଉଛି । ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ଅନ୍ତର୍ଗତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ୨୦୨୪-୨୫ ବର୍ଷର କାମର ଏଭଳି ଦୁର୍ନୀତିର ଅଭିଯୋଗ ଆସିଛି । ସୂଚନା ଅନୁସାରେ, ତାଳସରଡ଼ା ଗ୍ରାମରେ ଗ୍ରଡା ମୁଣ୍ଡା ବନ୍ଧ ଉନ୍ନତି କରଣ ପାଇଁ ମନରେଗା ଯୋଜନାରୁ ଏକ ପୋଖରୀ ଖୋଳାଯାଇଛି । ଉକ୍ତ ପୋଖରୀର ସମସ୍ତ ମାଟି ପୋଖରୀ ହିଡ଼ରେ ନପକାଇ ନିକଟସ୍ଥ ରାସ୍ତା ଉପରେ ପକାଯିବା ସହିତ ମାଟିକୁ ବାହାରେ ବିକ୍ରି କରାଯାଇଛି ବୋଲି ଅଭିଯୋଗ ହେଉଛି । ଉକ୍ତ ପୋଖରୀ ଓ ରାସ୍ତା ମନରେଗା ଯୋଜନାରୁ ନିର୍ମାଣ ହୋଇଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ ହେଉଛି । ପ୍ରାୟ ୪/୫ ଦିନ ଠାରୁ ଅଧିକ ଦିନ ହେଲା ଜେସିବି ଏବଂ ଟ୍ରାକ୍ଟର ଲଗାଇ କାମ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନଜର କେମିତି ପଡିଲାନାହିଁ ତାହା ପ୍ରଶ୍ନ କେବଳ ଏତିକି ନୁହେଁ, ପ୍ରକଳ୍ପର ଅଧାରୁ ଅଧିକ ନିର୍ମାଣ କାର୍ଯ୍ୟ ସାରିଥିଲେ ମଧ୍ୟ ସୂଚନା ଫଳକକୁ ମାଟିରେ ପୋତିଦେଇଥିବା ଦେଖାଯାଇଛି । ଶ୍ରମିକଙ୍କ ନାଁରେ ମଷ୍ଟର୍ ରୋଲ ବାହାର କରାନଯାଇ ଯେଉଁମାନେ ଶ୍ରମିକ ଶ୍ରେଣୀର ନୁହନ୍ତି କିଭଳି ତାଙ୍କ ନାମ ଏଣ୍ଟ୍ରି କରାଯାଇଛି ତାକୁ ନେଇ ପ୍ରଶ୍ନ ଉଠୁଛି । ଶ୍ରମିକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ସରକାର ମନରେଗା ଯୋଜନା କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଅଧିକାରୀ ବେପରୁଆ ମନୋଭାବ ଯୋଗୁଁ ଯୋଜନା ବାଟବଣା ହେଇଥିବା ଦେଖାଯାଇଛି । ଏ ନେଇ ପୋଖରୀ ଖନନରେ ହୋଇଥିବା ଦୁର୍ନୀତିର ଜିଲ୍ଲାପାଳ ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ଦାବି ହୋଇଛି ।

# ଆଞ୍ଚଳିକ ପାର୍କ ନାମରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା କିନ୍ତୁ ପାର୍କ ନାହିଁ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ପଞ୍ଚାୟତରେ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ତଥା ଲୋକଙ୍କ ମନୋରଞ୍ଜନ ପାଇଁ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଆଧୁନିକ ଜିମ୍ ସହିତ ପାର୍କ ନିର୍ମାଣ କରୁଛନ୍ତି । ଲୋକେ କିପରି ସୁସ୍ଥ ରହିବେ କିପରି ବରିଷ୍ଠ ନାଗରିକ ମାନେ କିଛି ସମୟ ଅବସର ବିନୋଦନ କରିପାରିବେ ସେହି ଲକ୍ଷ୍ୟରେ ଏହି ପାର୍କ ସବୁ ନିର୍ମାଣ କରାଯାଉଛି । ହେଲେ ନରଣପୁର ଗ୍ରାମପଞ୍ଚାୟତରେ ଆଜି ଯାଏ ନରଣପୁର, ହରିଡ଼ାଗୋଠ, ତୁଳସୀ ଚୌରା, ଘୁଟୁକେଶ୍ୱରୀ, କାଣ୍ଡରାପଶି, ବଡ଼ବିଲ, ରାମଚନ୍ଦ୍ରପୁର, ଟାଙ୍ଗର ପଳସା, ଜଳଗଡ଼ିହା, ଅଲଣା ପଦା, ନେଙ୍କଡ଼ା ଘର କିମ୍ବା ହଳଦିଆଟାଙ୍ଗିରି ଆଦି ଗ୍ରାମମାନଙ୍କ ଭିତରୁ କୌଣସି ଗ୍ରାମରେ ସେହିପରି ବ୍ୟବସ୍ଥା ହୋଇନାହିଁ । ନରଣପୁର ଗ୍ରାମ ପଞ୍ଚାୟତ ଏକ ବଡ଼ ପଞ୍ଚାୟତ ହୋଇଥିବା ବେଳେ ଏହା ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ତିନି କିଲୋମିଟର ଦୂରରେ ସହର ସଂଲଗ୍ନ ପଞ୍ଚାୟତ ଭାବେ ଜଣାଶୁଣା । ଏହି ପଞ୍ଚାୟତରେ କିନ୍ତୁ ଆଞ୍ଚଳିକ ପାର୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ପାର୍କ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଖର୍ଚ୍ଚ ବରାଦ କରାଯାଉଥିବା ଜଣାପଡିଛି । ଏପରିକି କୌଣସି ସୂଚନା ଅଧିକାର ଆଇନ୍ ବଳରେ ମାଗିଲେ ମଧ୍ୟ ତାହା ମିଳୁନଥିବା ଦେଖିବାକୁ ମିଳିଛି । ଏଠାରେ ଦୀର୍ଘ ଆଠ ବର୍ଷ ହେବ ରହିଆସୁଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପୂର୍ବରୁ ମଲା ଲୋକଙ୍କ ନାମରେ ସରକାରୀ ଚାଉଳ ଆତ୍ମସାତ୍ କରିଥିବା ଖବର ଗଣମାଧ୍ୟମରେ ପ୍ରକାଶନ ପରେ ଅନୁସନ୍ଧାନରେ ଦୋଷୀ ସାବ୍ୟସ୍ତ ହୋଇ ବ୍ଲକ କାର୍ଯ୍ୟାଳୟରେ ସେଥିପାଇଁ ଟଙ୍କା ଫେରାଇଥିବା ବେଳେ କେବେ ଆଞ୍ଚଳିକ ପାର୍କ ନାମରେ ଆତ୍ମସାତ କରିଥିବା ଟଙ୍କା ଫେରାଉଛନ୍ତି ଦେଖିବାକୁ ବାକି ରହିଲା । ଏ ବିଷୟରେ ପଞ୍ଚାୟତର ସରପଞ୍ଚ ରୀନା ନାଏକଙ୍କୁ ପଚାରିବାରେ ସେ କହିଛନ୍ତି ଯେ ନରଣପୁର ପଞ୍ଚାୟତରେ କୌଣସି ପାର୍କ ହୋଇନାହିଁ, କିନ୍ତୁ ରୁଗୁଡ଼ିସାହି ହାଟ ବନ୍ଧରେ ଏକ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି କିନ୍ତୁ ଅନୁମୋଦନ ପାଇନଥିବାରୁ କାର୍ଯ୍ୟ ହୋଇପାରିନାହିଁ ।

# ପଞ୍ଚାୟତ ସ୍ତରୀୟ ବିକଶିତ କୃଷି ସଂକଳ୍ପ ଅଭିଯାନ ଶୁଭାରମ୍ଭ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଲିଗୁଡା ବ୍ଲକ କୃଷି ବିଭାଗ ତରଫରୁ ପଞ୍ଚାୟତ ସ୍ତରୀୟ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । କୃଷି ବିଭାଗ ତରଫରୁ ବାଲିଗୁଡା ବ୍ଲକ ଅନ୍ତର୍ଗତ ବାରଖମା ପଞ୍ଚାୟତର ଜୁନାଗାଁ ଓ ରେବିଙ୍ଗଆ ପଞ୍ଚାୟତ ଠାରେ ପଞ୍ଚାୟତ ସ୍ତରୀୟ ବିଖଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଗୋଷ୍ଠି କୃଷି ଅଧିକାରୀ ଜଗନ୍ନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ସହକାରୀ ଉଦ୍ୟାନ ଅଧିକାରୀ ନିଳାଞ୍ଚଳ ପଣ୍ଡା, ଘୁ ଉଦୟଗିରୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ପ୍ରଶାନ୍ତ କୁମାର ନନ୍ଦ ଓ ସନତ କୁମାର ମେହେର, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କଟକର ବୈଜ୍ଞାନିକ ଦେବବନ୍ଧୁ କୁମାର ଚାଟାର୍ଜି ଓ ବୃନ୍ଦାବନ ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ଏଥିରେ ରାଜ୍ୟ ସରକାରଙ୍କର ମୂଳଲକ୍ଷ୍ୟ ବିକଶିତ କୃଷି ଏବଂ ବିକଶିତ ଓଡ଼ିଶାକୁ ସଫଳତାର ସହ ରୁପାୟନ କରିବା ସହିତ କୃଷିର ବିକାଶରେ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳ ଚାଷିଙ୍କ ନିକଟରେ ପହଞ୍ଚାଇବା ନେଇ ଏକ ଅଭିନବ ପ୍ରୟାସ କରାଯାଇଛି । ମୃତିକା ପରୀକ୍ଷା ସନ୍ତୁଳିତ ପୋଷକତତ୍ୱ ପରିଚାଳନା, ଅଧିକ ଅମଳ କ୍ଷମବୃଦ୍ଧି ପଦ୍ଧତି ପାକୃତିକ ଉପାୟରେ ବିଭିନ୍ନ ରୋଗ ପୋକର ନିୟନ୍ତ୍ରଣ ସହିତ ସର୍ବୋପରି କୃଷିର ଉନ୍ନତି ଉପରେ ଆଲୋଚନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ମାନଙ୍କର ଶତାଧିକ ଚାଷିମାନେ ଉପସ୍ଥିତ ରହି ନିଜକର ଚାଷ ଉପରେ ବିଭିନ୍ନ ସମସ୍ୟାକୁ ବିବାଗୀୟ ଅଧିକାରୀ ମାନଙ୍କ ପାଖରେ ଉପସ୍ଥାପନା କରିଥିଲେ ।





# ଜୁଲାଇ ୮ରୁ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତିକ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ଦୀର୍ଘଦିନରୁ ଦାବି କରାଯାଉଥିବା ଦାବି ଗୁଡିକ ମଧ୍ୟରୁ ଗୋଟିଏ ପୁରଣ ହୋଇଥିବା ବେଳେ ଅନ୍ୟ ୬ ଗୋଟି ଦାବିର କୌଣସି ସମାଧାନ ହୋଇନଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ଆସନ୍ତା ୧ ମାସ ମଧ୍ୟରେ ରାଜ୍ୟ ସରକାର ଏହି ଦାବି ଗୁଡିକ ପୁରଣ ନକଲେ ଜୁଲାଇ ୮ରୁ ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ ସମଗ୍ର ରାଜ୍ୟରେ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଦାବି ଗୁଡିକ ମଧ୍ୟରେ ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା, ଓଡ଼ିଶାରେ ଥିବା ସମସ୍ତ ଖଣି ଖାଦାନ ଓ କାରଖାନା ମାନଙ୍କରେ ୭୦ ଭାଗ ଓଡ଼ିଆ ଡ୍ରାଇଭରଙ୍କୁ କାମ କରିବା ପାଇଁ ସଂରକ୍ଷଣ ଦେବା, ପ୍ରତି ୧୦୦ କିମି ଅନ୍ତରରେ ଗାଡି ପାର୍କିଂ, ଡ୍ରାଇଭର ମାନଙ୍କ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା କରିବା, ୬୦ ବର୍ଷ ପରେ ଡ୍ରାଇଭର ମାନଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଓ ଡ୍ରାଇଭର ଓ୍ୱେଲଫାୟାର ଫଣ୍ଡରେ ଅଟୋ ଡ୍ରାଇଭର ମାନଙ୍କୁ ସାମିଲ କରିବା ଆଦି ଦାବି ଗୁଡିକ ରହିଛି । ଡ୍ରାଇଭର ମହାସଂଘର ସଭାପତି ରଂଜନ କୁମାର ଦାସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସଂପାଦକ ରଞ୍ଜନ ମହାନ୍ତି, ଅଜୟ ସେଠୀ, ଜାବିର ଖାନ, ସେକ୍ ମୁସ୍ତାକିମ୍, ଅଶ୍ୱିନୀ କୁମାର ଗିରି, ଦିପକ ଦାସ, ବିଶ୍ୱ ପ୍ରସାଦ ନାୟକ, ପର୍ଶୁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୫ର ସଫଳତା ନେଇ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଟେବୁଲ ଟପ୍ ଏକ୍ସରସାଇଜ୍ ଏବଂ ସାମୁହିକ ଅଭ୍ୟାସ ୨୦୨୫ର ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତ ମାସ ତା ୧୮ରେ (ପୂର୍ବାହ୍ନ ୧୦ଟାରୁ ଅ ୦୧ଟା, ଅପରାହ୍ନ ୦୨ଟାରୁ ସନ୍ଧ୍ୟା ୦୫ଟା) ୨ଟି ପର୍ଯ୍ୟାୟରେ ଜିଲ୍ଲା ସ୍ତରୀୟ ତଥା ବ୍ଲକ ଓ ୟୁ.ଏଲ.ବି ସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହେବ । ବନ୍ୟାର ସୂଚନା ଆସିଲେ ସରକାରୀ ବିଭାଗୀୟ ଅଧିକାରୀ ମାନେ କିଭଳି ପଦକ୍ଷେପ ନେବେ ତାର ପୂର୍ବାଭିନୟ କରାଯିବ । ସମସ୍ତ ସମ୍ପୃକ୍ତ ଅଧିକାରୀ, କର୍ମକର୍ତ୍ତା ମାନେ ବନ୍ୟା ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ବନ୍ୟା ପୂର୍ବରୁ, ବନ୍ୟା ପରେ ଓ ବନ୍ୟା ସମୟରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କଣ ରହିଛି ତାର ଦୃଶ୍ୟ ଶ୍ରାବ୍ୟ ଦ୍ୱାରା ଉପସ୍ଥାପନା କରାଯିବ । ତା ୧୯ରେ ସକାଳ ୦୯ଟାରୁ ଜିଲ୍ଲା ସ୍ଥିତ ୦୬ଟି ବନ୍ୟା ଆଶ୍ରୟସ୍ଥଳୀ ଠାରେ ବିପର୍ଯ୍ୟୟ



ପରିଚାଳନା ଅଭ୍ୟାସ (ମକ୍‌ଡ୍ରିଲ୍) ଅନୁଷ୍ଠିତ ହେବ । ସାମୁହିକ ଅଭ୍ୟାସ ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି କରିବା ନିମନ୍ତେ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ତଥା ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ତଥା ବ୍ଲକ ସ୍ତରୀୟ ଅନ୍ୟ ସହଯୋଗୀ ସଂସ୍ଥା ମୁଖ୍ୟ, କମ୍ୟୁନିଟି କର୍ମକର୍ତ୍ତା ପ୍ରମୁଖଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଯେପରି କୌଣସି ପ୍ରକାର ଅଘଟଣ ନହୁଏ ସେଥିପ୍ରତି ବିଶେଷ ସତର୍କ ତଥା ଅଭ୍ୟାସ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପୂର୍ବରୁ ଫାୟାର ବିଭାଗ ଦ୍ୱାରା ବିପର୍ଯ୍ୟୟ ସମୟରେ ବ୍ୟବହୃତ ସମସ୍ତ ଆନୁସଙ୍ଗିକ ଯନ୍ତ୍ରପାତିର ଉପଯୁକ୍ତ ଯାଞ୍ଚ ଏବଂ ପରୀକ୍ଷା ପୂର୍ବକ ସଠିକ୍ ବ୍ୟବହାର ନିମନ୍ତେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଡେପୁଟି କଲେକ୍ଟର ଜରୁରୀ ଶାଖା ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓସଡ଼ମା ବିଶ୍ୱନାଥ ନାୟକ ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି ବିଶେଷ ଭାବେ ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟରେ ତଥା ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ଷ୍ଟେକ୍ ହୋଲ୍‌ଡର୍‌ଙ୍କ ଦାୟିତ୍ୱ, କର୍ତ୍ତବ୍ୟ ତଥା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ । ବିପର୍ଯ୍ୟୟରୁ ଜନସାଧାରଣଙ୍କୁ ଯେପରି ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେଥି ନିମନ୍ତେ ବ୍ୟାପକ ଭାବେ ସଚେତନତା ଜାଗରଣ କରିବା, ବିଭିନ୍ନ ସରକାରୀ ବିଭାଗ ନିଜ ବିଭାଗୀୟ ଦାୟିତ୍ୱ ଓ କର୍ତ୍ତବ୍ୟର ଅନୁପାଳନକୁ ସୁନିଶ୍ଚିତ କରିବା, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ କରିବା, ଜିଲ୍ଲା ସ୍ଥିତ ବିଭିନ୍ନ ନଦୀ ନାଳର ଆଡି ବନ୍ଧ ସ୍ଥିତିର ସୁନିଶ୍ଚିତ କରିବା, ଆଶ୍ରୟସ୍ଥଳୀ ପରିଚାଳନା, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ନିମନ୍ତେ ଆବଶ୍ୟକ ପଦକ୍ଷେପ, ସ୍ଥାନାନ୍ତରଣ ତଥା ପ୍ରାଥମିକ ଚିକିତ୍ସା ପ୍ରଭୃତି ବିଷୟରେ ସୁପରିଚିତ କରାଇବା ସାମୁହିକ ଅଭ୍ୟାସର ମୂଳ ଉଦ୍ଦେଶ୍ୟ ରହିଥିବା ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସ୍ତରୀୟ ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ସୋନପୁର, ଉପଜିଲ୍ଲାପାଳ ବୀରମହାରାଜପୁର କାର୍ଯ୍ୟାଳୟ ଅଧିକାରୀ, କର୍ମକର୍ତ୍ତା, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର, ସାମ୍ବାଦିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, କମ୍ୟୁନିଟି କର୍ମକର୍ତ୍ତା, ଅନ୍ୟାନ୍ୟ ସହଯୋଗୀ ସଂସ୍ଥା କର୍ମକର୍ତ୍ତା, ଆଶ୍ରୟସ୍ଥଳୀ ପରିଚାଳନା କର୍ମକର୍ତ୍ତା, ନିର୍ବାହୀ ଅଧିକାରୀ ପୌରାଞ୍ଚଳ ସୋନପୁର, ବିନିକା, ତରଭା ପ୍ରଭୃତି ଯୋଗଦାନ କରି ନିଜ ନିଜର ମତାମତ ପ୍ରଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବର୍ଷ ଶେଷ ବେଳକୁ ମିଶନ ଶକ୍ତି ବଜାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**


ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବାକୁ ନିର୍ମାଣ ଚାଲିଛି ମିଶନ୍ ଶକ୍ତି ବଜାର ଏବଂ ଓର୍‌ମାସର ଖୁଚୁରା ବ୍ୟବସାୟ କେନ୍ଦ୍ର । ସ୍ୱତନ୍ତ୍ର ଭାବେ ମହିଳାଙ୍କୁ ଥଇଥାନ ପାଇଁ ଏହି ମାର୍କେଟ୍ କମ୍ପ୍ଲେକ୍ସର ପରିକଳ୍ପନା କରାଯାଇଛି । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ କମାପଲ୍ଲୀ ନିକଟରେ ନିର୍ମାଣ କରାଯାଉଥିବା ଏହି ବଜାର ଦ୍ରୁତଗତିରେ ନିର୍ମାଣ ଚାଲିଛି । ମଝିରେ ମଝିରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଏହାର ଅଗ୍ରଗତି ଅନୁଧ୍ୟାନ କରୁଛନ୍ତି । ଏ ବର୍ଷ ଶେଷ ସୁଦ୍ଧା ମିଶନ୍ ଶକ୍ତି ବଜାରର ନିର୍ମାଣ ଶେଷ କରିବାକୁ କାର୍ଯ୍ୟନିର୍ବାହୀ ସଂସ୍ଥା ବିଡ଼ିଏ ଲକ୍ଷ୍ୟ ରଖିଛି । ଉପଯୁକ୍ତ ଜମି ଚିହ୍ନଟ ପାଇଁ କିଛି ଦିନ ଧରି ଏହି ପ୍ରକଳ୍ପ ବିଳମ୍ବ ହୋଇଥିଲା । ମାତ୍ର କମାପଲ୍ଲୀ-ଟାଟାବେଞ୍ଜ ଛକ ମଝିରେ ପୂର୍ତ୍ତ ବିଭାଗର ଜମି ମିଳିବା ପରେ ନିର୍ମାଣରେ ବିଶେଷ ଅଗ୍ରଗତି ଦେଖିବାକୁ ମିଳିଛି । ଚଳିତ ବର୍ଷ ଶେଷ ଆଡ଼କୁ ନିର୍ମାଣ ଶେଷ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି । ସ୍ଥାନୀୟ ମିନାକ୍ଷୀ ନଗର ଠାରେ ଗୋଟିଏ ମିଶନ୍ ଶକ୍ତି ବଜାର ରହିଛି । ସେଠାରେ ଆଚାର ପ୍ରସ୍ତୁତି ସହିତ ରାଜ୍ୟର ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଛି । ଏହି ବଜାରର ସଫଳତା ଆଧାରରେ ବ୍ରହ୍ମପୁରରେ ବହୁମୁଖୀ ମିଶନ୍ ଶକ୍ତି ବଜାର ପାଇଁ ସ୍ଥିର ହୋଇଥିଲା । ୨୦୨୪ ଆରମ୍ଭରୁ ଦ୍ୱିତୀୟ ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରାଯାଇଥିଲା । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏହାର ନିର୍ମାଣ ଯୋଜନା ହୋଇଥିଲା । ବିଡ଼ିଏ ଦ୍ୱାରା ପ୍ରସ୍ତୁତ ଡ଼ିପିଆର୍‌ରେ ମିଶନ୍ ଶକ୍ତି ବଜାର ଓ ଓର୍‌ମାସ୍ ରିଟେଲ୍ ସପ୍ ପାଇଁ (ଜି ଯୁକ୍ତ ୨) ଗ୍ରାଉଣ୍ଡ୍ ଫ୍ଲୋର୍ ସହ ଦୁଇ ମହଲା କୋଠା ପ୍ରସ୍ତାବ ରହିଛି । ଡ଼ିପିଆର୍ ଅନୁସାରେ ସେଥିରେ ଗୋଟିଏ ବଜାର କମ୍ପ୍ଲେକ୍ସ, ଗୋଟିଏ ମିଶନ୍ ଶକ୍ତି କାଫେ ସହିତ ଅନ୍ୟାନ୍ୟ ରିଟେଲ୍ ଆଉଟ୍‌ଲେଟ୍ ବ୍ୟବସ୍ଥା ରହିବ । ବଜାର କମ୍ପ୍ଲେକ୍ସରେ ମୋଟ ୨୪ଟି ଦୋକାନ ଘର ରହିବ । ପ୍ରତ୍ୟେକ ଫ୍ଲୋର୍‌ରେ ୮ଟି ଲେଖାଏଁ ଦୋକାନ ଗୃହ ରହିବା ନେଇ ଡ଼ିପିଆର୍‌ରେ ସ୍ଥିର ହୋଇଛି । ମୋଟ୍ ୨୪୬ ବର୍ଗମିଟରରେ ନିର୍ମାଣ ହେଉଥିବା ମିଶନ ଶକ୍ତି ବଜାରର ଗୋଟିଏ ଗୋଟିଏ ଦୋକାନର ଘରର ଆକାର ୫୫ ବର୍ଗମିଟର ରହିବ । ସେହିଭଳି ଏକା ଥରରେ ୪୦ ଜଣ ବସି ଖାଦ୍ୟ ଗ୍ରହଣ କରିବା ଭଳି ଏକ କାଫେ ରହିବ । ଏସବୁ ବ୍ୟତୀତ ୧୦୦ଟି ଦୁଇ ଚକିଆ ଗାଡ଼ି ପାର୍କିଂ ପାଇଁ ସୁବିଧା ରହିବ । ବୈଠକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ଚିହ୍ନଟ କରାଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନିୟମିତ ବ୍ୟବଧାନରେ ଏହାର ଅଗ୍ରଗତି ସମୀକ୍ଷା କରୁଥିବା ବେଳେ ନିର୍ଦ୍ଧାରିତ ସମୟରେ ନିର୍ମାଣ ଶେଷ କରିବାକୁ କାର୍ଯ୍ୟନିର୍ବାହୀ ସଂସ୍ଥା ବିଡ଼ିଏକୁ ନିର୍ଦ୍ଦେଶ ଦେଉଛନ୍ତି ।

31 YEARS
ସମ୍ବାଦ କଳିକା

# ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିବ

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ୍ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି।

ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୨୮

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୪୨ ମୋ ଦ୍ୱିତୀୟ ପ୍ରେମ ପତ୍ରର ରୂପରେଖ

**(ପୂର୍ବ ପ୍ରକାଶିତ ଉତ୍ତାରୁ)**

ପ୍ରଥମ ପତ୍ରର ଉତ୍ତର ପାଇ ମୁଁ ଯେଉଁ ଦ୍ୱିତୀୟ ପ୍ରେମପତ୍ର ଉଦୟନଙ୍କୁ କବିତା ଆକାରରେ ଲେଖିଥିଲି ତାହା ଥିଲା ନିମ୍ନ ରୂପରେ ।

ଜାଣିଲି ହେ ପ୍ରିୟତମ ମନେଥିବା କଥା ତୁମ
ରଖ ନାହିଁ ହେ ଆଉ ଗୋପନ
ପାଉଅଛ କେତେ କଷ୍ଟ କରିଣ ସମୟ ନଷ୍ଟ
କରୁଅଛ ମୋ ହୃଦ ଦହନ ।।୧।।
ଲୋଡା ନାହିଁ ରାଜପଦ ମୋପାଇଁ ଧନ ସଂପଦ
ମୁଁ ତ ତୁମ ପ୍ରେମ କାଙ୍ଗାଳୁଣୀ
ଦେଇ ପ୍ରେମାମୃତ ପାନ ତୋଷ କର ମୋର ମନ
ରହିବି ସର୍ବଦା ତୁମ ଋଣୀ ।।୨।।
କୁଳଗୁରୁ ପାଶେ ଯାଅ ଦମ୍ଭେ ସବିନୟେ କୁହ
ନୁହେଁ ସିଦ୍ଧ ବାଳକ ବଚନ
ମାନିବେ ସେ ଯେ ନିଶ୍ଚୟ ତ୍ୟାଗ କର ତେଣୁ ଭୟ
ହୁଅ ପଥିକ ପଥ ମଦନ ।।୩।।
ବହୁ ମୁନିଋଷି ସମ ଆଚର ଗୃହୀ ଜୀବନ
ଜୀବନ ସଙ୍ଗିନୀ ମୋତେ କର
ମୋ ଗଭୀର ପ୍ରେମେ ଲିପ୍ତ ନିବାର କନ୍ଦର୍ପ ତାପ
କର ମୋ ସାଥେ ବିଦ୍ୟା ପ୍ରସାର ।।୪।।
ଯେଉଁ ଜାତି ପ୍ରଥା ହୁଏ ବାଧକ ଆମ ବିବାହେ
ନୁହଁଇ ତ ଏହା ଦୈବକୃତ
ମାନବଦ୍ୱାରା ଏ ସୃଷ୍ଟ ମେଣ୍ଟାଇବାକୁ ସ୍ୱସ୍ୱାର୍ଥ
ହୁଅ ତେଣୁ ମୋର ପ୍ରେମେ ଲିପ୍ତ ।।୫।।
ବର୍ଣ୍ଣଧର୍ମ ଯଦି ମାନ ଏ ବିବାହ ଅନୁଲୋମ
ଶାସ୍ତ୍ରଦ୍ୱାରା ଅଟେ ତ ସ୍ୱୀକୃତ
ବୁଝାଇ କହ ସ୍ୱଜନେ କୁଳଗୁରୁ ଦୃଢ଼ ମନେ
ନିଶ୍ଚୟ ସର୍ବେ ହେବେ ସମ୍ମତ ।।୬।।
ଭକ୍ତି ଜ୍ଞାନ ଯୌନ ପଥ ରହି ପାରିବେ ଏକତ୍ର
ଯୌନଶାନ୍ତି ଆଣେ ଏକାଗ୍ରତା
ଭକ୍ତି ଜ୍ଞାନ ହୁଏ ବୃଦ୍ଧି ମସ୍ତିଷ୍କେ ଆସେ ସମୃଦ୍ଧି
ତେଣୁ ଆଚର ଏ ତିନି ପନ୍ଥା ।।୭।।
ପାଇ ମୋ କ୍ଷୁଦ୍ର ସଂସ୍ପର୍ଶ ହେଲ କାମଜ୍ୱାଳା ବଶ
ନିଜକୁ କିପରି ସମ୍ଭାଳିବ
ଛାତ୍ରୀ ସନ୍ନ୍ୟାସିନୀମାନ ଆସିବେ ତୁମ ସନ୍ନିଧାନ
ଯେବେ କର୍ମରତ ରହିଥିବ ।।୮।।
ପ୍ରେରିଲେ ରାଜା ବେଶ୍ୟା ତୁଂଗ ଦେଖାଇଲା ସେ ଯୌନାଙ୍ଗ
ଦୌଡାଇ ଆଣିଲା ଋଷ୍ୟଶୃଙ୍ଗ
କଲେ ଯଜ୍ଞ ଲୋମପାଦ ଋଷି ହେଲେ ପୁରୋହିତ
ବର୍ଷା କଲା ପୃଥ୍ୱୀ କଷ୍ଟ ଭଙ୍ଗ ।।୯।।
ରାଜା ସମର୍ପି ନିଜ କନ୍ୟା ନାଶିଲେ ମୁନି କାମନା
ତୃପ୍ତ ଋଷ୍ୟଶୃଙ୍ଗ ବିବାହିତ
ଯଦି ଆସିବ ଏ ସ୍ଥିତି ଲଭିବାକୁ ଯୌନ ଶାନ୍ତି
ହେବ କି ସନ୍ନ୍ୟାସ ପଥୁଁ ଚ୍ୟୁତ ।।୧୦।।
ଆହେ ପ୍ରିୟତମ ମୋର ବକ୍ଷୁ କର ଉଜାଗର
ଶାୟିତ ତୁମ୍ଭର ଦାମ୍ଭିକତା
ଲଙ୍ଘ ସୁଉଚ୍ଚ ପ୍ରାଚୀର ହର୍ଷେ ଉପଭୋଗ କର
ମଧୁ ମଦନାମୃତ ମାଦକତା ।।୧୧।।
କହିଲି କଥା ବହୁତ ମଣ ନାହିଁ ଅନୁଚିତ
ନିଜର ଭାବି ହେ ତେଜ ମନ
କରି ତମେ ଦୃଢ ମନ ମୋ କଥା ସହର୍ଷେ ମାନ
...
(ଲେଖକଙ୍କ ରଚିତ "କାବ୍ୟ କଲ୍ଲୋଳିନୀ"ରୁ)

**(ଶବ୍ଦାର୍ଥ : ପଦ (୧)ରୁ (୬) : ଗୋପନ**-ଗୁପ୍ତ, ଲଚାଇବା। **ଦହନ**-ଜଳାଇବା। **ନୁହେଁ ସିଦ୍ଧ ବାଳକ ବଚନ**-ପିଲାଦିନେ ବାଳକ ନେଇଥିବା ଶପଥ ବୟସ୍କ ହେଲେ ତାହାକୁ ମାନିବା ପାଇଁ ବାଧ୍ୟ ନୁହେଁ। **ହୁଅ ପଥିକ ପଥ ମଦନ**-ତୁମେ କନ୍ଦର୍ପ ପଥର ପଥିକ ହୁଅ ଅର୍ଥାତ୍ ପ୍ରେମ ରାସ୍ତାରେ ଆଗେଇ ଯାଅ। **ନିବାର**- ନିବାରଣ କର। କନ୍ଦର୍ପ ତାପ- କାମ ଜନିତ ଦେହର ସ୍ଥିତି। **ମୋ ସାଥେ ବିଦ୍ୟାପ୍ରସାର**-ମୋତେ ବିବାହ ହୋଇ ଓ ସାଥିରେ ନେଇ ବିଦ୍ୟାଦାନ କର। **ଦୈବକୃତ**- ଭଗବାନଙ୍କଦ୍ୱାରା ସୃଷ୍ଟ। **ବର୍ଣ୍ଣଧର୍ମ**-ହିନ୍ଦୁ ଧର୍ମର ବିଭିନ୍ନ ବର୍ଣ୍ଣ (ଯଥା ବ୍ରାହ୍ମଣ, କ୍ଷତ୍ରୀୟ ଆଦି) ବିଷୟକ ନିୟମାବଳୀ। **ଆମ ବିବାହ ଅନୁଲୋମ**-ଉଚ୍ଚ ଜାତିର ବର ଓ ନିମ୍ନ ଜାତିର କନ୍ୟା ମଧ୍ୟରେ ସଂଘଟିତ ବିବାହକୁ ଅନୁଲୋମ ବିବାହ କୁହାଯାଏ ଓ ଏହି ପ୍ରକାର ବିବାହ ଶାସ୍ତ୍ରରେ ସ୍ୱୀକୃତି ପାଇଛି।

**ପଦ (୭) :** ଭକ୍ତି, ଜ୍ଞାନ ଓ ଯୌନ ଏହି ତିନିଟି ପଥ ଏକାଠି ରହିପାରିବେ। କାରଣ ନିଜର କାମବାସନାର ଚରିତାର୍ଥ ହେଲେ ତାହା ବାଧକ ନ ହୋଇ ମନରେ ଏକାଗ୍ରତା ବଢାଇଥାଏ। ଏହା ଦ୍ୱାରା ଭକ୍ତି ଓ ଜ୍ଞାନ ମାର୍ଗରେ ଗଲେ ତା'ର ବିକାଶ ହୋଇପାରେ ଓ ନିଜର ମସ୍ତିଷ୍କର ଶକ୍ତି ବୃଦ୍ଧି ହୋଇଥାଏ। ତେଣୁ ହେ ଉଦୟନ, ତୁମେ ଏ ତିନି ରାସ୍ତାକୁ ଆଦରି ନିଅ ଅର୍ଥାତ୍ ମୋତେ ବିବାହ କରି କାମବାସନାକୁ ତୃପ୍ତ କରିବା ଦ୍ୱାରା ସହଜରେ ଭକ୍ତି ଓ ଜ୍ଞାନ ମାର୍ଗରେ ଅଗ୍ରସର ହୋଇପାରିବ।

**ପଦ (୮) :** କଲ୍ଲୋଳିନୀ କହୁଛି ହେ ସଖା ତୁମେ ତ ମୋର ଏକ ଛୋଟ ସଂସ୍ପର୍ଶରେ ଆସି ଏପରି କାମ ଜ୍ୱାଳାରେ ଜର୍ଜରିତ ହୋଇଗଲ। ଯେତେବେଳେ ତୁମେ ଭକ୍ତି ଓ ଜ୍ଞାନ ମାର୍ଗରେ କର୍ମରତ ହେବ ସେତେବେଳେ ଅନେକ ଛାତ୍ରୀ ଓ ସନ୍ନ୍ୟାସିନୀମାନେ ତୁମ ସନ୍ନିଧାନ (ନିକଟକୁ) ଆସିବେ। ସେତେବେଳେ ତୁମେ କିପରି ନିଜକୁ ସମ୍ଭାଳିବ ?

**ପଦ (୯) :** ରାମାୟଣ ଅନୁଯାୟୀ ରାଜା ଲୋମପାଦ ଜଣେ ଶ୍ରେଷ୍ଠ ବେଶ୍ୟାଙ୍କୁ ବ୍ରହ୍ମଚାରୀ ଋଷି ଋଷ୍ୟଶୃଙ୍ଗଙ୍କୁ ଆଣିବାପାଇଁ ପ୍ରେରଣ କରିଥିଲେ। ସେ ବେଶ୍ୟା ତାଙ୍କୁ ନିଜର ଯୌନ ଅଙ୍ଗ ଦେଖାଇ ଦେଖାଇ ଆସିଲେ ଓ ପଛେ ପଛେ ଋଷି ଆକୃଷ୍ଟ ହୋଇ ଦୌଡିକରି ଆସି ରାଜାଙ୍କ ରାଜ୍ୟରେ ପହଞ୍ଚିଲେ। ବହୁ କାଳରୁ ବର୍ଷା ନ ଥିବାରୁ ରାଜା ଋଷିଙ୍କୁ ପୁରୋହିତ କରି ଯଜ୍ଞ କଲେ ଓ ବର୍ଷା ହୋଇ ପୃଥିବୀର କଷ୍ଟ ଗଲା।

**ପଦ (୧୧) :** ରାଜା ଲୋପପାଦ ନିଜ କନ୍ୟା ଶାନ୍ତାଙ୍କୁ ଋଷିଙ୍କୁ ବିବାହପାଇଁ ସମର୍ପିଲେ ଓ ଋଷିଙ୍କୁ ଯେଉଁ କାମବାସନା ଥିଲା ତାହା ନାଶ ହେଲା। ବିବାହ କରି ଋଷି ଋଷ୍ୟଶୃଙ୍ଗ ତୃପ୍ତ ହେଲେ ଓ ସ୍ୱକାର୍ଯ୍ୟ ବିନା ବାଧାରେ କରିଚାଲିଲେ। ତେଣୁ କଲ୍ଲୋଳିନୀ କହୁଛି ଯେ ଯୌନଶାନ୍ତି ପାଇଁ ତୁମେ ମୋତେ ବିବାହ କର।

**ପଦ (୧୨) ଓ (୧୩) :** ବକ୍ଷୁ- ବା ଛାତିରୁ। ଉଜାଗର- ଉଠାଇବା । ଶାୟିତ- ଶୋଇଥିବା। **ମଦନାମୃତ**- କନ୍ଦର୍ପର ପ୍ରେମ ଅମୃତ।)

ଏହାଥିଲା ମୋ ଦ୍ୱିତୀୟ ପତ୍ରର ପଦ୍ୟର କଥାବସ୍ତୁ । ଏଠାରେ ଆଉ ଏକ କଥା କହୁଛି। ବିବାହର ପ୍ରାୟ ୨-୩ ବର୍ଷ ପରେ ଦିନେ ହର୍ଷୋତ୍ସାହ ମନରେ ମୁଁ ଓ ଉଦୟନ କଥା ହେଉଥିଲୁ। ସେ କେଉଁ ଏକ ପ୍ରସଂଗରେ ମୋତେ ମୋର ଦୁଇ ପ୍ରେମପତ୍ର ବିଷୟରେ କିଛି ପ୍ରଶଂସାମୂଳକ କଥା କହି ଚାଲିଲେ। ସେ କହିଲେ, "ପ୍ରିୟେ" ତୁମର 'ଚ୍' ଅକ୍ଷର ଗୀତର ପ୍ରଥମ ଧାଡିରେ ରଖି ଲେଖିଥିବା ପ୍ରଥମ ପତ୍ରଟି ତ ଅତି ଚମତ୍କାର ଥିଲା। ସେ ବିଷୟରେ ଆଗରୁ କହିଛି। କିନ୍ତୁ ତୁମ ଦ୍ୱିତୀୟ ପତ୍ରଟି ଏତେ ପ୍ରେରଣାଦାୟକଥିଲା ଯେ ଆଜି ପର୍ଯ୍ୟନ୍ତ ତା'ର ଶବ୍ଦାବଳୀ ମୋ କାନରେ ଗୁଂଜିତ ହୋଇ ସର୍ବଦା ଆସି ଯାଉଛି।" ମୁଁ ଆଗ୍ରହୀ ହୋଇ ପଚାରିଲି "ଯାହା ମନେ ପଡୁଛି ସେଗୁଡିକର କେଉଁଟା ଅତି ପ୍ରଭାବଶାଳୀ ଥିଲା ତାହା ମୋତେ ସଂକ୍ଷେପରେ କୁହ"।

ଉଦୟନ ଆରମ୍ଭ କଲେ, "ଏତେ ସୁନ୍ଦର ଶବ୍ଦ ସଂଯୋଜନା କରିଥିଲ, ତାହା ମୁଁ ବର୍ଣ୍ଣନା କରି ପାରୁନାହିଁ। ସେ କବିତାର ସମସ୍ତ ଶବ୍ଦ ଅତି ମନୋରମ ଓ ହୃଦୟସ୍ପର୍ଶୀ। ପ୍ରଥମ ପଦ୍ୟର ମୁଁ ମନରେ କଷ୍ଟପାଇ ମଧ୍ୟ ଗୁପ୍ତ ଭାବେ ତୁମ୍ଭକୁ ପ୍ରେମ କରୁଥିଲି ଓ ତାହା ତୁମ୍ଭର ହୃଦୟରେ ଜ୍ୱାଳା ଭରି ଦେଇଥିଲା। ଦ୍ୱିତୀୟ ପଦରେ ତୁମ୍ଭକୁ ରାଜପଦ ଓ ଧନସଂପଦ ଲୋଡା ନଥିଲା ଓ ପ୍ରେମ କାଙ୍ଗାଳୁଣୀ ପରି ହୋଇ ମୋର ପ୍ରେମାମୃତ ପାନ କରିବାର ଅଭିଳାଷୀ ଥିଲ। ଚତୁର୍ଥ ପଦରେ ଯେପରି ମୁନିମାନେ ବିବାହ କରି ଗୃହୀ ଥାଇ ମଧ୍ୟ ଜ୍ଞାନଭକ୍ତି ମାର୍ଗରେ ଥିଲେ ସେପରି ତୁମ୍ଭକୁ ବିବାହ କରି ରହିବାକୁ ମୋତେ ପ୍ରେରିତ କରିଥିଲ। ତୁମର ମହାନ୍ ଦାର୍ଶନିକ ବ୍ୟାଖ୍ୟାନ ଥିଲା ଯେ ଯୌନମାର୍ଗ ସହ ମଧ୍ୟ ଭକ୍ତି ଓ ଜ୍ଞାନ ମାର୍ଗ ଏକତ୍ର ରହିପାରିବ। ଅଷ୍ଟମ ପଦରେ ମୁଁ ସନ୍ନ୍ୟାସୀ ହୋଇ ସନ୍ନ୍ୟାସିନୀମାନଙ୍କୁ ଶିକ୍ଷାଦାନ ଆଦି କାର୍ଯ୍ୟ କଲାବେଳେ ସେମାନଙ୍କ ପ୍ରତି ଆକର୍ଷିତ ହେଲେ କିପରି ସମ୍ଭାଳି କରି ରହିବି ବୋଲି ପ୍ରଶ୍ନ କରି ମୋତେ ସତର୍କ କରାଇଥିଲ। ଏପରି ବହୁ କଥା କହି ମୋର ଦାମ୍ଭିକତା ଉଜାଗର କରିଥିଲ। ଇତ୍ୟାଦି।"
ମୁଁ ଶୁଣି କରି ହସୁଥିଲି। (କ୍ରମଶଃ)



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
-୯୩୩୭୨୨୧୯୨୪

# ଆମ ସଂସ୍କୃତି ଓ ପରମ୍ପରାରେ ରଜପର୍ବ


ଓଡିଶାରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରେ ରଜ ଏକ ପ୍ରମୁଖ ପର୍ବ । ଏହାକୁ 'ପାର୍ବଣର ରାଣୀ' ବୋଲି କୁହାଯାଏ । ଅନ୍ୟାନ୍ୟ ପର୍ବମାନଙ୍କ ପରି ଏଥିରେ କୌଣସି ଦେବାଦେବୀଙ୍କୁ ପୂଜା କରାଯାଏ ନାହିଁ । ତଥାପି ରଜରେ ଦୋଳିଖେଳର ଆସର, ଗାଁ ଦାଣ୍ଡର ସେଇ କବାଡି ଖେଳ, ତାସଖେଳ, ରଜପାନ ଓ ଘରେ ଘରେ ପ୍ରସ୍ତୁତ ହେଉଥିବା ପୋଡପିଠା ସମସ୍ତଙ୍କୁ ତିନିଦିନ କାଳ ଏକ ନୂଆ ଦୁନିଆ ଭିତରେ ହଜାଇ ଦିଏ । ସ୍ନେହ ସୌହାର୍ଦ୍ଦ୍ୟ ଓ ଭାଇଚାରା ମଧ୍ୟରେ ସାମାଜିକ ଭିତ୍ତିଭୂମିକୁ ଦୃଢକରେ । ଆତ୍ମୀୟତା ଓ ବୁଝାମଣାର ବାତାବରଣ ସୃଷ୍ଟି କରେ । ତେଣୁ, ଏହି ଗଣପର୍ବ ରଜକୁ ଓଡିଶାବାସୀ ଉତ୍କଣ୍ଠା ଓ ଆବେଗର ସହ ଅପେକ୍ଷା କରିଥାନ୍ତି । ଏହି ପର୍ବଟି ମୁଖ୍ୟତଃ ଝିଅମାନଙ୍କର ପର୍ବ । ତଥାପି ପୁଅମାନେ ମଧ୍ୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ଆଗେଇ ଆସିଥାନ୍ତି । ଆମ ସଂସ୍କୃତି, ପରମ୍ପରା ଓ ଚଳଣିର ନିଚ୍ଛକ ପ୍ରତୀକ ହେଉଛି ରଜପର୍ବ । ପ୍ରକୃତି ସହିତ ଜୀବନକୁ ସରସ ସୁନ୍ଦର କରିବାର ସୁଯୋଗ ଦେଉଥିବା ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ଦୋଳିଖେଳ । ରଜଦୋଳି ସହିତ ରଜଗୀତର ମଜା ନିଆରା । ରଜଦୋଳିରେ ବସିବା ମାତ୍ରେ ପ୍ରତ୍ୟେକ ଓଡିଆ ଝିଅଙ୍କ କଣ୍ଠରୁ ଆପେ ଆପେ ବାହାରି ଆସେ -
"ବନସ୍ତେ ଡାକିଲା ଗଜ/ବରଷକେ ଥରେ ଆସିଛି ରଜ/ଆସିଛି ରଜଲୋ .../ଘେନି ନୂଆ ସଜବାଜ ।"
ରଜଦୋଳିରେ ବସି କୁଆଁରୀମାନଙ୍କ ସୁଲଳିତ କଣ୍ଠରୁ ଭାସି ଆସୁଥିବା ଏହି ଗୀତ ମନେ ପକାଇଦିଏ ରଜମଉଜକୁ । ପାର୍ବଣର ରାଣୀ ସେ । ଭରିଦିଏ କୁଆଁରୀ ମନରେ ଅଫୁରନ୍ତ ଆନନ୍ଦ । ଦୋଳିର କଟମଟ ଶବ୍ଦରେ ପ୍ରକମ୍ପିତ ହୁଏ ଗାଁ ତୋଟା । ବିଶେଷକରି ପଟା ଦୋଳିରେ ଦୁଇସାଙ୍ଗ ପେଙ୍ଗାମାରି ଦୋଳିକୁ ଉପରକୁ ଉଠାଇବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହୁଏ। ତା'ସାଙ୍ଗକୁ ପୁଣି କୁଆଁରୀ କଣ୍ଠରୁ ଶୁଭେ-
"ରଜଦୋଳି କଟମଟ/ମୋ ଭାଇ ମୁଣ୍ଡରେ ସୁନା ମୁକୁଟ/ସୁନା ମୁକୁଟ ଲୋ .../ଦିଶୁଥାଏ ଝଟଝଟ ।"
ଆଜି କିନ୍ତୁ ସେ ଦୋଳି ନାହିଁ କି ସେ ଗୀତ ନାହିଁ । ଶୁଣାଯାଉନି ସେଇ କେଁକଟର ଶବ୍ଦ । ସବୁଠି ଯେପରି ଗୋଟିଏ ବ୍ୟତିକ୍ରମର ଆବହାୱା ।
ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ । ଓଡିଶାର ପର୍ବ ବିଭିନ୍ନ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ । ଏପରି ଏକ ପର୍ବ ହେଉଛି ରଜ ଯାହା ମାଟି ସହ ମଣିଷକୁ ଯୋଡିଥାଏ । କାରଣ କନ୍ୟାଟି ରଜୋବତୀ ହେଲେ ଯେପରି ଭାବରେ ବ୍ୟବହାର ପାଇଥାଏ ଠିକ୍ ସେହିପରି ଏହି ରଜପର୍ବରେ ଆମର ଧରଣୀମାତାଙ୍କୁ ସେପରି ବ୍ୟବହାର ଦେଖାଯାଏ । ତେଣୁ ରଜସ୍ୱଳା ନାରୀ ପରି ମାଟି ମା'କୁ ଏହି ସମୟରେ ବିଶ୍ରାମ ଦିଆଯାଏ । ଉଦ୍ଦେଶ୍ୟ ହେଲା,



ନାରୀମାନେ ରଜସ୍ୱଳା ପରେ ଯେପରି ସନ୍ତାନ ସୃଷ୍ଟି ପାଇଁ ସକ୍ଷମ ହୋଇଥାନ୍ତି, ଠିକ୍ ସେହିପରି ଆଦ୍ୟ ଆଷାଢର ବାରିପାତରେ ମାତା ବସୁଧା ଫସଲ ଉତ୍ପାଦନ ପାଇଁ ସକ୍ଷମ ହୋଇଥାଏ। ଜ୍ୟେଷ୍ଠ ମାସର ଶେଷଦିନକୁ ପହିଲି ରଜ, ଆଷାଢ ମାସର ପ୍ରଥମ ଦିନଟି ରଜସଂକ୍ରାନ୍ତି ଓ ତାପର ଦିନକୁ ଭୂଇଁ ନଅଁଣ ବା ଭୂମିଦହନ କୁହାଯାଏ । ଚତୁର୍ଥଦିନ ବସୁମତି ସ୍ନାନ ପାଳନ ପରେ ଏହି ପର୍ବ ଶେଷ ହୁଏ । ରଜପର୍ବରେ ପୋଡପିଠାର ମଜା ନେବାକୁ କେହି ଭୁଲନ୍ତି ନାହିଁ । ଘରେ ଘରେ ରଜ ପୋଡପିଠା ପ୍ରସ୍ତୁତ ହୁଏ । ଏଇ ପୋଡପିଠା ବେଶ୍ ରୁଚିକର । ପିଠା ତିଆରି କରାଯାଇ ବନ୍ଧୁବାନ୍ଧବ ଓ ସାଇପଡିଶାଙ୍କୁ ଦିଆଯାଇଥାଏ । ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଏହି ପୋଡପିଠା ସବୁଦିନେ ଭୋଗ ହେବାର ବିଧି ଅଛି । ସେହିପରି ନୂଆ ବିବାହିତା ଝିଅମାନଙ୍କ ଶାଶୁଘରୁ ରଜଭାର ଆସିଥାଏ । ରଜପର୍ବରେ ରଜପାନ ନଥିଲେ ସବୁକିଛି ମାନ୍ଦାମାନ୍ଦା ଲାଗେ । ମୁଖ୍ୟତଃ ରଜରେ କେହି କୁଣିଆ ଆସିଲେ ନବବଧୂମାନେ ପାନଥାଳି ଧରି ରଜପାନ ଦେବାର ବିଧି ରହିଛି । ସେ ଛୋଟ ଝିଅଟିଏ ହେଉ କି ପରିଣତ ବୟସରେ ଉପନୀତ ହୋଇଥିବା ବୁଢାବୁଢୀ ସମସ୍ତଙ୍କ ପାଟିରେ ରଜପାନ । ତାସଖେଳ ହେଉ କି ଲୁଡୁଖେଳ, ସବୁଠି ରଜପାନର ଆସର । ରଜଦୋଳି ଯେପରି ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ସେହିପରି ପୁଅମାନେ କବାଡି ଖେଳିବା ପରମ୍ପରା କାହିଁ କେତେକାଳରୁ ଚଳିଆସୁଛି । ଗାଁ ପଡିଆରେ କବାଡି ଖେଳ ଦେଖିବା ପାଇଁ ଗ୍ରାମବାସୀ ବେଶ୍ ଭିଡ ଜମାଇଥାନ୍ତି । କବାଡି ପ୍ରତିଯୋଗିତା ଜିତିବା ପାଇଁ ଗାଁ ଗାଁ ମଧ୍ୟରେ କବାଡି ପ୍ରତିଯୋଗିତା ଚାଲେ। ରଜ ସମୟରେ ଏଭଳି ପ୍ରତିଯୋଗିତା ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରେ ।

ରଜ ହେଉଛି ଏକ ଆନନ୍ଦମୟ ପର୍ବ । ଆବାଳବୃଦ୍ଧବନିତା ସମସ୍ତଙ୍କ ମନପ୍ରାଣରେ ଏହା ଉଲ୍ଲାସ ଭରିଦିଏ। ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ରଜପର୍ବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରଜପର୍ବ ପୂର୍ବ ଓଡିଶାରେ ତିନିଦିନ ଧରି ପାଳନ କରାଯାଉଥିବା ବେଳେ ପଶ୍ଚିମ ଓଡିଶାରେ ଏହା ପାଞ୍ଚ ଦିନ ଧରି ପାଳନ କରାଯାଏ। ତେଣୁ ଏହାକୁ ପଞ୍ଚ ପର୍ବ ମଧ୍ୟ କୁହାଯାଏ। ଏହି ପର୍ବ ଖାଲି ଓଡିଶାରେ ନୁହେଁ, କେରଳରେ 'ଓନାମ୍' ଓ ରାଜସ୍ଥାନରେ 'ତାଜ୍' ପର୍ବ ଭାବରେ ପାଳନ କରାଯାଏ । ସେ ଦୃଷ୍ଟିରୁ ରଜପର୍ବକୁ ଏକ ଅବସର ବିନୋଦନ ପର୍ବ କହିଲେ ଭୁଲ୍ ହେବନାହିଁ । କିନ୍ତୁ ଆଧୁନିକତାର ଛାପରେ ଧୀରେଧୀରେ ଏହି ଗଣପର୍ବ ତା'ର ସ୍ମୃତିଚିହ୍ନ ହରେଇବାକୁ ବସିଲାଣି । ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ବିକାଶ ସାଙ୍ଗକୁ ଅବକ୍ଷୟମୁଖୀ ସଂସ୍କୃତି ଭିତରେ ରଜପର୍ବ ତାର ଚମକ ହରାଉଛି । ବିଦେଶରେ ରହୁଥିବା ଲୋକମାନେ ଏବେ ରଜରେ ଗାଁକୁ ଆସିବାକୁ ଆଗ୍ରହ ଦେଖାଉନାହାଁନ୍ତି। ଟେଲିଭିଜନ, କମ୍ପ୍ୟୁଟର, ମୋବାଇଲ ଯୁଗରେ ଏବଂ କ୍ରିକେଟ୍ ଖେଳର ପ୍ରସାର ଓ ପ୍ରଚାରର ଭିଡ ଭିତରେ ଆଉ ପୂର୍ବଭଳି କବାଡି ଓ ବାଗୁଡି ଖେଳ ଦେଖିବାକୁ ମିଳୁନି । ଆଜିର ଆଧୁନିକ ନାରୀମାନେ ରଜ ସମୟରେ ଚୁଲିରେ କଦଳୀପତ୍ରରେ ପୋଡପିଠା ପ୍ରସ୍ତୁତ କରିବା ଅପେକ୍ଷା ଓଭାନ୍‌ରେ କାଜୁ କିସମିସ୍ ଦିଆ କେକ୍ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଆଜିର ପାଠୋଇ ଝିଅମାନେ ରଜରେ ଗାଁ ବରଗଛ, ଆମ୍ବଗଛରେ ଦୋଳି ଖେଳିବା ଅପେକ୍ଷା ପାର୍କରେ ଲାଗିଥିବା ଦୋଳିକୁ ଅଧିକ ପସନ୍ଦ କରୁଛନ୍ତି । ଆଉ ରଜଦୋଳି ଗୀତ କଥା ନକହିବା ଭଲ ।

ଏବେ ଚିନ୍ତା କରିବାର ବେଳ ଆସିଛି । ଅପସଂସ୍କୃତିର ପଶାପାଲିରୁ ଆମ ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାକୁ ହେବ । ଅବଶ୍ୟ ଏବେ ଗାଁ ଗଣ୍ଡାରେ ଓ ସହରର କେତେକାଂଶରେ ରଜପର୍ବକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । କେତେକ ସଂଗଠନ ଏଥିପାଇଁ ଆଗେଇ ଆସିଛନ୍ତି । ଓଡିଶାର ସଂସ୍କୃତିକୁ ବଜାୟ ରଖିବା ପାଇଁ ସେମାନଙ୍କ ତରଫରୁ ପୋଡପିଠା, କବାଡି, ରଜଦୋଳି ଓ ଗୀତ, ତାସଖେଳ ଇତ୍ୟାଦିର ପ୍ରତିଯୋଗିତା ଆୟୋଜନ କରାଯାଉଛି। କିଛି ପରିମାଣରେ ଏହା ଆମ ହଜିଯାଉଥିବା ପରମ୍ପରାକୁ ରକ୍ଷା କରିବାରେ ସକ୍ଷମ ହୋଇପାରିଛି । ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

# ଦଳାଚକଟା ମଣିଷକୃତ

ଏହା ନିଷ୍ଠୁର ସତ୍ୟ ଯେ, ଆମ ଦେଶରେ ଜୀବନ ଅତି ଶସ୍ତା। କୌଣସି କ୍ଷେତ୍ରରେ ଜୀବନ ହାନୀକୁ ସୁଯୋଗ ଦିଆଯିବ ନାହିଁ ବୋଲି ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ କ୍ଷେତ୍ରରେ ଏହା ପ୍ରତିଫଳିତ ହୁଏ ନାହିଁ, ଯେ କେହି ସ୍ୱୀକାର କରିବେ। ଜୀବନ ଶସ୍ତା-ଏଭଳି ଘଟଣା ବାରମ୍ବାର ସତ୍ୟରେ ପରିଣତ ହୋଇଛି। ଗତ ୩ତାରିଖ ଦିନ ରାତ୍ରିରେ ବେଙ୍ଗାଲୁରସ୍ଥିତ ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘଟଣା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ ବୋଲି ନିସନ୍ଦେହରେ କୁହାଯାଇପାରିବ। ଦେଶରେ ଗଲା ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଆଇପିଏଲ କ୍ରିକେଟ ମ୍ୟାଚର ଫାଇନାଲରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁର (ଆରସିବି) ଟିମର ବିଜୟ ଉତ୍ସବରେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଦଳାଚକଟାରେ ୧୧ଜଣଙ୍କ ମୃତ୍ୟୁ ଘଟଣା ଏହି ସଂକେତ ପ୍ରଦାନ କରେ। ଏହା ସତ୍ୟ ଯେ, ଆଇପିଏଲ ଟ୍ରଫି ପାଇଁ ଆରସିବିକୁ ଦୀର୍ଘ ୧୮ବର୍ଷ ଧରି ଅପେକ୍ଷା କରିବାକୁ ପଡିଥିଲା। ଏହି ବଜୟ ନେଇ କର୍ଣ୍ଣାଟକରେ କେବଳ ଆରସିବି ନୁହେଁ କି କ୍ରିକେଟ ପ୍ରେମୀ ନୁହଁନ୍ତି, ସମଗ୍ର କର୍ଣ୍ଣାଟକରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବଂ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳଗୁଡିକର ଉତ୍ସାହ ବେଶ ପରିଲକ୍ଷିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସିଦ୍ଧାରାମେୟଙ୍କ ଠାରୁ ଆରମ୍ଭ କରି ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବ କୁମାର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ ନେତା ଏଚଡି କୁମାର ସ୍ୱାମୀ, ବିଜେପି ନେତା ଭି.ୟାଦୁରେପ୍ପାଙ୍କ ପର୍ଯ୍ୟନ୍ତ ସମସ୍ତ ଦଳର ନେତା ଓ କର୍ମୀଙ୍କ ଆରସିବିର ବିଜୟ ପାଇଁ ନିଜକୁ ଗର୍ବିତ ଅନୁଭବ କରୁଥିଲେ। ଫାଇନାଲ ମ୍ୟାଚ ଫଳାଫଳ ପରେ ବିଜୟ ଉତ୍ସବ ପାଇଁ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନଥିବା ସତ୍ତ୍ୱେ ଆରସିବି ବିଜୟ ଉନ୍ମାଦନା ସତର୍କତାମୂଳକ ପଦକ୍ଷେପ ବିନା ଯେପରି ବିଜୟ ଉତ୍ସବ ଅନୁଷ୍ଠିତ କରାଗଲା, ତାହା କେବଳ ଅପରିଣାମଦର୍ଶିତାର ପରିଣାମ ହୋଇନାହିଁ ମୃତ୍ୟୁର ତାଣ୍ଡବ କରିଛି। ଏଣିକି ଉନ୍ମାଦନା ଶୋକାକୂଳ ପରିବେଶରେ ପରିଣତ ହୋଇଥିଲା। ଏଇ ସାଲ କପ ନାମଦେ। ଚଳିତ ବର୍ଷ ଆମର ଏହା ହିଁ ଲୋକଙ୍କ ସ୍ଲୋଗାନ। ଷ୍ଟାଡିୟମର ସାମର୍ଥ୍ୟ ମାତ୍ର ୩୫ ହଜାର ଥିବାବେଳେ ବିଜୟ ଉତ୍ସବ ଦେଖିବାକୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସମବେତ ହୋଇଥିଲେ। ଭିଡ ଏତେ ମାତ୍ରାରେ ଥିଲା ଯେ, ଶେଷରେ ଦଳାଚକଟା ଘଟି ୧୧ଜଣଙ୍କ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୫୦ରୁ ଉର୍ଦ୍ଧ୍ୱ ଗୁରୁତ୍ୱର ଭାବେ ଆହତ ହୋଇଛନ୍ତି। ଷ୍ଟାଡିୟମ ଭିତରେ ଓ ବାହାରେ ପଡିଥିବା ମାଳମାଳ ଚପଲ, ଯୋତା, ହାତ ଘଂଟା ଏବଂ ଅନ୍ୟାନ୍ୟ ସାମଗ୍ରୀ ଭିଡର ତୀବ୍ରତା ସଂକେତ ପ୍ରଦାନ କରେ। ଏହା ନିନ୍ଦେହ ଯେ, ଆମ ଦେଶରେ ଦଳାଚକଟା ଘଟଣା ନୂଆ ନୁହେଁ, ଗତବର୍ଷ ଆମେ ମହାକୁମ୍ଭ ମେଳା, ନୂଆଦିଲ୍ଲୀ ରେଳଷ୍ଟେସନରେ କୁମ୍ଭମେଳାକୁ ଯାଉଥିବା ଶ୍ରଦ୍ଧାଳୁ, ହାଥରସ ସମାବେଶ, ତିରୁପତି, ହାଇଦ୍ରାବାଦରେ ପୁଷ୍ପା-୨ ଚଳଚିତ୍ରର ପ୍ରମୋଶନ ଇଂଭେଟରେ ଦଳାଚକଟାରେ ମୃତ୍ୟୁର ତାଣ୍ଡବ ଦେଖିଛେ। ତେବେ ଏଭଳି ଘଟଣା ଆମକୁ ମହାନ ଶିକ୍ଷା ଦେଇଥିବା ବେଳେ ସେଥିରୁ ସରକାର କିମ୍ବା ପୋଲିସ କିଛି ଶିକ୍ଷା କରିପାରିନଥିବା ମନେହୁଏ। ଚିଦାସ୍ୱାମୀ ଷ୍ଟାଡିୟମରେ ଦଳାଚକଟା ଘଟଣାକୁ ଏଡାଯାଇପାରିଥାନ୍ତା। ଏହି ଘଟଣାକୁ ମଣିଷକୃତ ବୋଲି କୁହାଯାଇପାରିବ। ବେଙ୍ଗାଲୁର ଦଳାଚକଟା ଘଟଣା ପାଇଁ ସରକାର, ପୋଲିସ ଓ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଲେ ଭୁଲ ହେବ ନାହିଁ। ପ୍ରଥମେ ବିଜୟ ଉତ୍ସବକୁ ବାତିଲ କରାଯାଇଥିବାବେଳେ ପରେ ଏଥିପାଇଁ ଅନୁମତି ଦିଆଗଲା କିପରି ? ଏହା ନିସନ୍ଦେହ ଯେ, ସମ୍ଭାବ୍ୟ ଭିଡକୁ ବେଙ୍ଗାଲୁର ପୋଲିସ ପ୍ରଶାସନ ଆକଳନ କରିପାରିନଥିଲା କି କୌଣସି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିନଥିଲା। କେବଳ ପୋଲିସ ପ୍ରଶାସନ କିମ୍ବା ସରକାର ନୁହଁନ୍ତି, କ୍ରିକେଟ ପ୍ରେମୀଙ୍କ ଅତିଶୟ ଉନ୍ମାଦନା ଏଥିପାଇଁ ଦାୟୀ। ଏହା ସତ୍ୟ ଯେ, ଭିଡ ନିୟନ୍ତ୍ରଣ ସରକାର ଏବଂ ପୋଲିସର ଦାୟିତ୍ୱ କିନ୍ତୁ ସରକାର ତାଙ୍କ ଦାୟିତ୍ୱ ସଠିକ୍ ଭାବେ କରିନାହାଁନ୍ତି। ଯାହାର ପରିଣତି ସ୍ୱରୁପ ସାଧାରଣ ନାଗରିକଙ୍କୁ ଜୀବନ ଦେବାକୁ ପଡିଛି। ବିପନ୍ନ ପରିବାରଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯିବା ଆବଶ୍ୟକ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**



ଇଂ ଗୁରୁପ୍ରସାଦ ସରକାର




# ମା’ ତୁମେ କେଉଁଠି

ବହୁଦିନ ପୂର୍ବରୁ ଜଣେ କଲିକତାରେ କାମ କରୁଥିବା ବଙ୍ଗାଳୀ ଭଦ୍ରଲୋକ ନିଜର ତିନି ବର୍ଷର ମାତୃହରା ପୁଅକୁ ନେଇ କଟକରେ ଏକ ଅଫିସରେ ଯୋଗଦାନ କଲେ । ତାଙ୍କ ଘରେ ଆଉ କେହି ନଥିବାରୁ ପୁଅକୁ ନେଇ ଅଫିସରେ ନିଜ କୋଠରୀରେ ଏକ ସ୍ଥାନରେ ବସେଇ ନିଜ କାମ କରୁଥିଲେ ସେ । ସେହି ସମୟରେ ଓଡ଼ିଶା ସରକାର ଓ କେରଳ ସରକାରଙ୍କ ମଧ୍ୟରେ ଚୁକ୍ତି ହେଇ କେତେଜଣ ନର୍ସ କେରଳରୁ ଆସି ଓଡ଼ିଶାର ବିଭିନ୍ନ ଡାକ୍ତରଖାନାରେ କାମ କରୁଥିଲେ । ଦିନେ ଭଦ୍ରଲୋକଙ୍କ ପୁଅ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାକୁ ନେଇ ନିକଟସ୍ଥ ଡାକ୍ତରଖାନାରେ ଡାକ୍ତରଙ୍କୁ ଦେଖେଇଲେ । ସେଠାରେ ଜଣେ ନର୍ସ ଏହି ଛୋଟ ଶିଶୁକୁ ଦେଖି ଓ ସେ ମାତୃହରା ହୋଇଥିବା ଜାଣି ତାଙ୍କର ଶିଶୁଟି ପ୍ରତି ମମତା ବଢ଼ିଗଲା । ସେ ଭଦ୍ରଲୋକଙ୍କୁ କହିଲେ, ‘ସାର୍ ଏ ପିଲାକୁ ଦେଖି ମୋର ମାତୃ ହୃଦୟ ଜାଗି ଉଠିଛି । ମୁଁ ଏହା ପାଇଁ କିଛି କରିବାକୁ ଚାହେଁ ଯଦି ଆପଣ ଚାହିଁବେ ମୁଁ ଆପଣଙ୍କ ଘରକୁ ଆସି ଏହାର ମା’ର ଦାୟିତ୍ୱ ତୁଲାଇପାରେ । ଅବଶ୍ୟ ତା ନୁହେଁ ଯେ ମୁଁ ଆପଣଙ୍କ ସ୍ତ୍ରୀ ହୋଇଯିବି ।’ ଭଦ୍ରଲୋକ ଏ ପ୍ରସ୍ତାବରେ ରାଜି ହେବାରୁ ଭଦ୍ରଲୋକଙ୍କ ଠିକଣା ନେଇ ନର୍ସ ଜଣକ ସେଦିନ ନିଜର କର୍ତ୍ତବ୍ୟ ଶେଷ ହେଲାପରେ ନିଜର ଆସବାସପତ୍ର ନେଇ ତାଙ୍କ ଘରେ ପହଞ୍ଚିଲେ । ଏହାପରେ ସେ ଘରର ରନ୍ଧା ବଢ଼ା, ଭଦ୍ରଲୋକ ଓ ତାଙ୍କୁ ପୁଅର ଖାଇବା ପିଇବା ବୁଝିଲେ । ଗୋଟିଏ ବର୍ଷ ଏପରି ଚାଲିଲା । ଶିଶୁଟିର ସ୍କୁଲ ଯିବା ବୟସ ହୋଇଗଲା । ପାଖରେ ଥିବା ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ପିଲାଟିର ଏଡ୍‌ମିସନ୍ ବି କରାଗଲା । ସ୍କୁଲକୁ ନେବା ଓ ସ୍କୁଲରୁ ଆଣିବା କାମ ଭଦ୍ରଲୋକ ବୁଝିଲେ । ପିଲାଟି ସ୍କୁଲରେ ଖାଇବା ପାଇଁ ଜଳଖିଆ ଠିକ୍ ଭାବରେ ତାର ସ୍କୁଲ୍ ମୁଣାରେ ରଖିଦେଉଥିଲେ । ପିଇବା ପାଣି ମଧ୍ୟ ଏକ ଛୋଟ ବୋତଲରେ ଭିର୍ତ୍ତି କରି ସ୍କୁଲ ମୁଣାରେ ରଖିଦେଉଥିଲେ ।

ଭଦ୍ରଲୋକ ଓ ନର୍ସ ମା’ଙ୍କର ପ୍ରଯତ୍ନରେ ଶିଶୁଟି ଭଲ ପାଠ ପଢ଼ି ସବୁବେଳେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲା । ଏହାପରେ ସେ କଟକରେ ରେଭେନ୍ସା କଲେଜରେ ନାଁ ଲେଖାଇଲା । ସେଠାରେ ମଧ୍ୟ ଶ୍ରେଣୀରେ ପ୍ରଥମ ହୋଇ ସରକାରୀ ଇଞ୍ଜିନିୟରିଂ କଲେଜରେ ପଢ଼ିବା ପାଇଁ ସ୍ଥାନ ପାଇଗଲା । ଇଞ୍ଜିନିୟରିଂରେ ମଧ୍ୟ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସେତେବେଳେ ଓଡ଼ିଶାରେ ଇଞ୍ଜିନିୟର ଅଭାବ ଥିବାରୁ ଅକ୍ଳେଶରେ ଏକ ସରକାରୀ ଚାକିରି ପାଇଗଲା । ଏହିପରି ହସ ଖୁସିରେ ଭଦ୍ରଲୋକ, ନର୍ସ ମା’ ଓ ଇଞ୍ଜିନିୟର ବାବୁଙ୍କର ସମୟ କଟିଯାଉଥିଲା । ନର୍ସ ମା’ ଭଦ୍ରଲୋକଙ୍କ ଅନୁମତି ନେଇ ଇଞ୍ଜିନିୟର ବାବୁଙ୍କ ପାଇଁ ଲକ୍ଷ୍ମୀ ନାମକ ଜଣେ ସୁନ୍ଦରୀ ତଥା ଗୁଣବତୀ ଝିଅକୁ ଘରର ବୋହୂ କରି ଆଣିଲେ । ଲକ୍ଷ୍ମୀ ଘରକୁ ଆସିଲା ପରେ ନର୍ସ ମା’ଙ୍କୁ ଶାଶୂର ସମ୍ମାନ ଦେଉଥିଲା । ତାଙ୍କର ପରାମର୍ଶ ନେଇ ଘରେ ରନ୍ଧା ବଢ଼ା କରି ସମସ୍ତଙ୍କର ଖାଇବା ପିଇବା କାମ ବୁଝୁଥିଲା । ତାକୁ କାମରେ ସାହାଯ୍ୟ କରିବା ପାଇଁ ଭଦ୍ରଲୋକ ଜଣେ ଚାକରାଣୀ ରଖିଲେ । ସେ ଘରେ ସବୁବେଳେ ଥାଏ ଓ ଖିଆପିଆ କରେ । ଏହିପରି ସୁଖର ସଂସାରରେ ହଠାତ୍ ଏକ ବିପଦ ମାଡ଼ି ଆସିଲା । ଓଡ଼ିଶା ସରକାର ଓ କେରଳ ସରକାରଙ୍କ ମଧ୍ୟରେ ନର୍ସ ଜନିତ ଯେଉଁ ଚୁକ୍ତିପତ୍ର ହୋଇଥିଲା, ତାହାର କାର୍ଯ୍ୟକାଳ ଶେଷ ହୋଇଯିବାରୁ ଏହି ନର୍ସଙ୍କୁ କଟକ ଛାଡ଼ି କେରଳର ରାଜଧାନୀ ଥିରୁବନନ୍ତପୁରମ୍‌କୁ ଫେରିଯିବାକୁ ପଡ଼ିଲା । ସମସ୍ତ ପରିବାର ନର୍ସ ମା’ଙ୍କୁ ଲୋତକ ଭରା ନୟନରେ ବିଦାୟ ଜଣେଇଲେ ।

କେରଳ ରାଜଧାନୀକୁ ଯାଇ ମଧ୍ୟ ଫୋନ୍ ତଥା ଚିଠିପତ୍ର ମାଧ୍ୟମରେ ଏହି ପରିବାର ସହିତ ସର୍ବଦା ଯୋଗସୂତ୍ର ରଖିଥିଲେ । ଏହିପରି ଆଉ ତିନି ବର୍ଷ ଗଲାପରେ ନର୍ସ ନିଜ ଚାକିରିରୁ ଅବସର ନେଲେ । କିନ୍ତୁ ସର୍ବଦା ଏହି ପରିବାରକୁ ନିଜ ପରିବାର ଭାବି ଯୋଗସୂତ୍ର ରଖିଥିଲେ । ହଠାତ୍ ଦିନେ ତାଙ୍କ ଠାରୁ କୌଣସି ଫୋନ୍ କି ଚିଠିପତ୍ର ମିଳିଲାନାହିଁ । ପରିବାରର ସମସ୍ତେ ଚିନ୍ତିତ ହୋଇ କେରଳର ରାଜଧାନୀକୁ ଫୋନ୍ କରି ନର୍ସଙ୍କ କିଛି ଖବର ଜାଣିବାକୁ ଚାହିଁଲେ । ସେଠାରୁ ଖବର ଆସିଲା ଯେ ସେ ଚାକିରିରୁ ଅବସର ନେଇଛନ୍ତି ଓ ନିଜ ଗାଁରେ ରହୁଛନ୍ତି । ତଥାପି ତାଙ୍କ ପାଖରୁ କାହିଁକି କିଛି ଫୋନ୍ ବା ଚିଠିପତ୍ର ଆସୁନାହିଁ ଭାବି ସମସ୍ତ ପରିବାର କେରଳ ରାଜଧାନୀରେ ପହଞ୍ଚିଲେ । ସେଠାରେ ଜାଣିବାକୁ ପାଇଲେ ଯେ ନର୍ସ ଯାଇ ନିଜ ଗାଁ ଘରେ ରହୁଛନ୍ତି । ସମସ୍ତେ ତାଙ୍କର ଠିକଣାରେ ଯାଇ ଗାଁରେ ପହଞ୍ଚିଲେ । ସେଠାରେ ଇଞ୍ଜିନିୟର ବାବୁ ଲକ୍ଷ୍ମୀଙ୍କ ପ୍ରରୋଚନାରେ ଗାଁ ଦାଣ୍ଡରେ ପାଟି କରି କହିବାକୁ ଲାଗିଲେ, ‘ମା’ ତୁମେ କେଉଁଠି ?’ ଆଶ୍ଚର୍ଯ୍ୟ ଜନକ ଭାବରେ ପୀଡ଼ିତା ନର୍ସଙ୍କ କାନରେ ଏହି ଶବ୍ଦଟି ଶୁଣାଗଲା । ସେ ଘରୁ ବାହାରି ଆସି ଦେଖିଲେ ତାଙ୍କର ସମସ୍ତ ପରିବାର ତାଙ୍କ ଘର ସାମ୍‌ନାରେ ଛିଡ଼ା ହୋଇଛନ୍ତି । ସେମାନଙ୍କୁ ଦେଖି ପୀଡ଼ିତା ନର୍ସଙ୍କର ଅଧା ରୋଗ ଭଲ ହୋଇଗଲା ସେ ସମସ୍ତଙ୍କୁ ନେଇ ନିଜ ଘର ଭିତରକୁ ଗଲେ । ଲକ୍ଷ୍ମୀ ଘରେ ଯାହା ଥିଲା ତାହା ବ୍ୟବହାର କରି ସମସ୍ତଙ୍କ ପାଇଁ ଖାଇବା ରୋଷେଇ କଲେ । ଖାଇବା ବେଳେ ବିଚାର ହେଲା ଯେ ସମସ୍ତେ କଟକ ଫେରିଯିବେ । ସେଠାରୁ ଦୁଇଟି ଟ୍ୟାକ୍ସିରେ ନର୍ସଙ୍କ ସହିତ ସମସ୍ତେ କେରଳ ରାଜଧାନୀକୁ ଯାଇ ସେଠାରୁ ଉଡାଜାହାଜ ଯୋଗେ ଭୁବନେଶ୍ୱର ଯିବେ । ସେଠାରୁ ପୁଣି ଦୁଇଟା ଟ୍ୟାକ୍ସିରେ ଯାଇ କଟକରେ ପହଞ୍ଚିବେ । ସେହି ଅନୁସାରେ ନର୍ସ ମା’ଙ୍କ କିଛି ଆସବାସପତ୍ର ବନ୍ଧାବନ୍ଧି କରି ସମସ୍ତେ ଉପରୋକ୍ତ ପ୍ରବନ୍ଧ ଅନୁସାରେ ଯାଇ କଟକରେ ପହଞ୍ଚିଲେ । ସମସ୍ତେ ଯାଇ ଇଞ୍ଜିନିୟର ବାବୁ କିଣିଥିବା ନୂଆଘରେ ପହଞ୍ଚିଲେ । ଲକ୍ଷ୍ମୀ ସମସ୍ତଙ୍କ ପାଇଁ ରୋଷେଇ କରି ଖାଇବା ବ୍ୟବସ୍ଥା କଲେ । ଲକ୍ଷ୍ମୀଙ୍କ ସେବାରେ କଟକ ମେଡ଼ିକାଲ୍‌ରେ ନର୍ସଙ୍କ ଚିକିତ୍ସା କରାଗଲାରୁ ଅଳ୍ପଦିନରେ ସେ ରୋଗମୁକ୍ତ ହୋଇଗଲେ । ପୁଣି ଭଦ୍ରଲୋକ, ନର୍ସ ମା’ ଓ ଇଞ୍ଜିନିୟର ପରିବାରରେ ହସର ଲହରୀ ଖେଳିଉଠିଲା ।

ମୋ-୯୪୩୭୦୩୦୪୫୩



# ଅବୁଝା ପୁଅ ମୋର

**ସଂଯୁକ୍ତା ଦାଶ**

ଆଜି କାଲି ତମେ ଶୁଣୁନ ମୋ କଥା କିଛି
ତୁମ ହାତ ଧରି ଚାଲିଲେ କହୁଛ
‘ଛାଡିଦେ ମତେ... ମୁଁ କ’ଣ ଛୋଟ ପିଲା ହେଇଛି ?’

ଟିକିଏ ବଳେଇ ଖାଇବାକୁ ଦେଲେ କହୁଛ
‘ତୁ କ’ଣ ମୋ ମାଆ ?
ମୋ ପଛେ ପଛେ ଲାଗିଛୁ କାହିଁକି ?’

ଔଷଧ ବାଧ କରି ଖୁଆଇଲେ କହୁଛ
‘ତୁ କ’ଣ ଡାକ୍ତର !
ବଢାଇ ଦେବୁ ଆୟୁଷ ମୋର ?’

ସାବିତ୍ରୀ କୁମାର ପୂର୍ଣ୍ଣିମୀ ଭାର ନାଆଁରେ
ଏତେ ଟଙ୍କା ଦିଅନି କହିଲେ
ତୁମେ ରାଗି ଯାଇ କଥା ବନ୍ଦ କରି ଦେଉଛ

ତୁମେ ସବୁବେଳେ କୁହ
ମୁଁ ତୁମର ଆଜ୍ଞାଧୀନା ଝିଅ
ତୁମେ କିନ୍ତୁ ଆଜି ମୋର
ସବୁଠୁ ଅବାଧ ପୁଅ

ଆଜି ସାରାଦିନ ବ୍ୟସ୍ତ ତୁମେ
କେଉଁଠି ମିଟିଙ୍ଗ୍ ଆଉ କେଉଁଠି
ସମ୍ବର୍ଦ୍ଧନା ସଭା
ଅଥଚ...
ମୁଁ ଅପେକ୍ଷାରେ ଅଛି ଶୁଣାଇବାକୁ ତୁମକୁ
ପିତୃ ଦିବସର ବିଶେଷ କବିତା ।

ମୋ-୮୪୨୦୮୯୬୫୪୬



# ସଂକ୍ରାନ୍ତି ପୁରୁଷ ଫକୀର ମୋହନ

**ଚିତ୍ତରଞ୍ଜନ ପୃଷ୍ଟି**

ଉତ୍କଳ ସନ୍ତାନ ଫକୀର ମୋହନ
ଯୋଗଜନ୍ମା ଯୋଗ୍ୟସୁତ
ଓଡ଼ିଆ ଭାଷାର ସୁଦକ୍ଷ ବିଦ୍ଧାଣୀ
ସଂକ୍ରାନ୍ତିରେ ହେଲ ଜାତ ।
ଭାଷା ଆନ୍ଦୋଳନ ଜାଗ୍ରତ ପ୍ରହରୀ
ତୁମେ ସାରସ୍ୱତ ସ୍ରଷ୍ଟା
କାଳଜୟୀ ଥିଲା ସାହିତ୍ୟର ସୃଷ୍ଟି
ଥିଲ ତୁମେ ଦିବ୍ୟଦ୍ରଷ୍ଟା ।
ଶିକ୍ଷିତ ସମାଜ ଦେଲା ପରିଚୟ
ଉତ୍କଳର ବ୍ୟାସକବି
ସାହିତ୍ୟ ଜଗତେ ଦକ୍ଷ କାରିଗର
ଭାଷା ଆକାଶର ରବି ।
ଓଡ଼ିଆ ସାହିତ୍ୟ ଦୁର୍ଦ୍ଦିନ ସମୟେ
ହେଲାତୁମ ଆବିର୍ଭାବ
ଭାଷା ଆନ୍ଦୋଳନେ ସାଜିଲ ପୁରୋଧା
ଫେରିଲା ଜାତିର ଗର୍ବ ।
ମାମୁଁ ଲଛମା ପ୍ରାୟଶ୍ଚିତ ରେବତୀ
ଛଅ ମାଣ ଆଠ ଗୁଣ୍ଠ
କାଳଜୟୀ ତୁମ ସୃଷ୍ଟିର ସମ୍ଭାର
ଭାଷା ଆଜି ପରିପୁଷ୍ଟ ।
ଆଧୁନିକ ଭାଷା ସାହିତ୍ୟ ଜଗତେ
ଥିଲ ତୁମେ କର୍ଣ୍ଣଧାର
ଓଡ଼ିଆ ଭାଷାର ଯାଦୁଗର ତୁମେ
ନାହିଁ ତୁମ ପଟ୍ଟାନ୍ତର ।
ଆହେ ଯୋଗଜନ୍ମା ସଂକ୍ରାନ୍ତି ପୁରୁଷ
ଅନନ୍ୟ ତୁମ ସୃଜନ
ଉପନ୍ୟାସ ଗଳ୍ପ କବିତାକୁ ରଚି
ଜିଣିଲ ଓଡ଼ିଆ ମନ ।
ବିଶ୍ୱ ଦରବାରେ ଓଡ଼ିଆ ଜାତିର
ବଢାଇଲ ଯଶ ଖ୍ୟାତି
କାଳଜୟୀ ତୁମ ଅମ୍ଳାନ ସୃଷ୍ଟିକୁ
ଝୁରୁଛି ଓଡ଼ିଆ ଜାତି ।
ଆଉଥରେ ନିଅ ତୁମେ ପୁନର୍ଜନ୍ମ
ପୁଣ୍ୟ ଉତ୍କଳ ଭୂମିରେ
ଓଡ଼ିଆ ଭାଷାର ଜୟଧ୍ୱନି ଶୁଭୁ
ସାରା ବିଶ୍ୱ ଦରବାରେ ।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ଏସନ ପହିଲି ରଜରେ

**ନିରଞ୍ଜନ ସାହୁ**



ବରଷକ ପରେ ଆସିଛି ରଜ ଲୋ
ଉଣା କରନାହିଁ ମନ
ରଜ ପାଳିବାକୁ ଏସନ କାହିଁକି
ହେଉନାହିଁ ଛନଛନ ?

ଓଡ଼ିଶାର ଗଣପର୍ବ ଅଟେ ରଜ
ଏକଥା ସଭିଙ୍କୁ ଜଣା
ବୁଝି ମୁଁ ପାରୁନି କାହିଁକି ତୋହରି
ମନ ହୋଇଅଛି ଉଣା
କେଉଁଥିରେ ତୋର ଅଭାବ ରହିଲା
ପଚାରୁଛି ଘନଘନ ।

ଅଭାବୀ ସଂସାରେ ଚଳିବା କଠିନ
ତୁ ଜାଣିଛୁ ଭଲ କରି
କାହିଁ ପାଇଁ ତୁହି ମନ ମାରିଦେଇ
ବସିଛୁ କି କଥା ଧରି
ନ କହିବୁ ଯଦି କେମିତି ଜାଣିବି
ତୁହି ମୋ ଆପଣା ଜନ ।

ମନକୁ ଟିକିଏ ବୁଝାଇ ଦେଇ ତୁ
ଆଗକୁ ବଢ଼ା ଲୋ ପାଦ
ଭୁଲିଯାଆ ଯେତେ ମନରେ ରହିଛି
ଦୁଃଖ ଆଉ ଅବସାଦ
ଟିକିଏ ହସିଦେ’ ଖୁସିରେ କହିଦେ’
ନାହିଁ କିଛି ଅବସନ୍ନ ।

ରଜ ପାଳିବାକୁ ଆଗଭର ହୋଇ
ଖେଳିଦେ’ ଟିକିଏ ଦୋଳି
ତୁହି ତ ଜାଣିଛୁ ଆଣିପାରିବିନି
ସରଗରୁ ଚାନ୍ଦ ତୋଳି
ସୁଖରେ ଦୁଃଖରେ ରଜ ପାଳିବା ଲୋ
ହାତେ ଯାହା ଅଛି ଧନ ।

ନିହଳ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩



# ରଜ ପର୍ବ

**ସୁଧୀର କୁମାର ଦାସ**

ଓଡ଼ିଶା ପର୍ବ ଆସିଛି ରଜ
ସବୁଠି ଉତ୍ସାହ ଦେଖ
ଝିଅ ବୋହୂଙ୍କୁ ସମ୍ମାନ ମିଳେ
ଓଡ଼ିଶାକୁ ଆସି ଶିଖ ।
ନାନା ପ୍ରକାର ପିଠାର ମଜା
ଓଡ଼ିଆ ଜାତି ଯେ ଜାଣେ
ରଜ ପାନର ମହକ ଆସେ
ଭାଇଚାରା ଭାବ ବୁଣେ ।
ଦୋଳି ଖେଳନ୍ତି ଏକାଠି ହୋଇ
ସବୁଠି ପୁଚିର ମଜା
ବରଗଛ ମୂଳେ ତାସ ଖେଳ
ସଂସ୍କୃତି ଉଡାଏ ଧ୍ୱଜା ।
କୁଆଁରୀ ଝିଅ ଗୀତ ଗାଆନ୍ତି
ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
କରିବା ଆସ ମଉଜ ।
ପହିଲି ବର୍ଷା ମାଟିକୁ ଛୁଏଁ
ବାସନା ମହକି ଯାଏ
ରଜ ଉତ୍ସବ ମହକି ଉଠେ
ପରମ୍ପରା ନେଇ ଧାଏଁ ।
କୃଷିଭିତ୍ତିକ ଗଣ ପର୍ବକୁ
ସୁନ୍ଦର ଢଙ୍ଗରେ ପାଳି
ହସ ଖୁସିରେ ମଉଜ ଥାଏ
ଏକାଠି ସମସ୍ତେ ମେଳି ।
ରଜ ଶେଷରେ ଚାଷ କାମରେ
ସମସ୍ତେ ଯାଆନ୍ତି ମାତି
ବରଷା ଧାରା ଧରାରେ ପଡେ
ରହେ ନାହିଁ ଆଉ ତାତି ।
ସଂସ୍କୃତି ସହ ପରମ୍ପରା ତ
ଏକାଠି ରହିଛି ମିଶି
ଅସ୍ମିତା ପାଇଁ ଗର୍ବିତ ଆମେ
ଓଡ଼ିଆ ଭାବରେ ଖୁସି ।

ତରାବୋଇ, ଜଟଣୀ, ଖୋର୍ଦ୍ଧା
ମୋ- ୯୩୩୭୩୩୫୮୩୮



# ଭାରି ଭଲଲାଗେ ପିଲାବେଳ ସ୍ମୃତି

**ସୁରମା ମିଶ୍ର**



ଭାରି ଭଲଲାଗେ ଦେଖିବାକୁ ମତେ
କଅଁଳା ବାଛୁରୀ ଡିଆଁ
ଭାରି ଭଲଲାଗେ ଶୁଣିବାକୁ ମତେ
କଅଁଳା ଶିଶୁର କୁଆଁ ॥

ଭାରି ଭଲଲାଗେ ମାଆ କୋଳେ ବସି
ଜହ୍ନ ମାମୁଁ ଦେଖିବାକୁ
ଭାରି ଭଲଲାଗେ ବାପାଙ୍କ ପିଠିରେ
ଲାଉ ହୋଇ ବୁଲିବାକୁ ॥

ଭାରି ଭଲଲାଗେ ଖାଇବାକୁ ମତେ
ମାଆ ପରଷା ପଖାଳ
ଭାରି ଭଲଲାଗେ ଶୋଇବାକୁ ମତେ
ବୁଢ଼ୀ ମା’ ଉଷୁମ କୋଳ ॥

ଭାରି ଭଲଲାଗେ ଆମ ଗାଁ ନଈ
ନଈର ତୁଠ ପଥର
ଭାରି ଭଲଲାଗେ ଗାଧୋଇବାକୁରେ
ବସି ପଥର ଉପର ॥

ଭାରି ଭଲଲାଗେ ଚାଷୀ ସୁନାଖେତ
ସୋରିଷ ଖେତର ଶୋଭା
ହଳଦିଆ ପାଟ ଘୋଡେଇ ହୋଇ ସେ
ଦିଶୁଥାଏ ମନ ଲୋଭା ॥

ଭାରି ଭଲଲାଗେ ଖେଳିବାକୁ ମତେ
ଚକ ଗଡାଇବା ଖେଳ
ଭାରି ଭଲଲାଗେ ରଜଦୋଳି ଖେଳ
ଖାଇବାକୁ ପୋଡ଼ପିଠା

ଭାରି ଭଲଲାଗେ ଦଉଡ଼ି ଦଉଡ଼ି
ଦେହୁ ବୋହିଗଲେ ଝାଳ ॥

ଭାରି ଭଲଲାଗେ ପୁନେଇଁ ରାତିରେ
ଗାଆଁ ଦାଣ୍ଡ ଜହ୍ନରାତି
ଭାରି ଭଲଲାଗେ ସାଙ୍ଗସାଥି ମିଶି
ଖେଳିବାକୁ କିତି କିତି ॥

ଭାରି ଭଲଲାଗେ ଗାଆଁ ମନ୍ଦିରରେ
ପୁରାଣ ପଣ୍ଡାଙ୍କ ଗାନ
ଭାରି ଭଲଲାଗେ ଶୁଣିବାକୁ ମତେ
ମନ୍ଦିରର ଘଣ୍ଟ ସ୍ୱନ ॥

ଭାରି ଭଲଲାଗେ ପଣସ ଖାଇ ମୁଁ
ଅନ୍ୟମୁଣ୍ଡେ ବୋଳେ ଅଠା ॥

ଭାରି ଭଲଲାଗେ ଆମ ଗାଁ ଗାଡିଆ
ଶେଉଳ ମାଛର ଭଜା
ଭାରି ଭଲଲାଗେ ଖାଇଲେରେ ଭାଇ
ପଖାଳ ସାଙ୍ଗେ ତା ମଜା ॥

ମନେ ପଡୁଅଛି ପିଲାବେଳ କଥା
ଭୁଲି ମୁଁ ତ ପାରୁ ନାହିଁ
କିପରି ଭୁଲିବି ସେ ଅଭୁଲା ସ୍ମୃତି
ଦିବା ନିଶି ମୁଁ ଝୁରଇ ॥

ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

# ଜୀବନ ନିର୍ଯ୍ୟାସ

**ରତ୍ନକାନ୍ତି ମିଶ୍ର**

ଜୀବନ ଯାତ୍ରାରେ କେବେ ଭେଟହୁଏ
ମତିଭ୍ରମ ମରୀଚିକା
କେବେ ପଥପରେ ଆଲୋକ ସଧୀରେ
ପୋଛିଦିଏ କୁହେଳିକା ॥

କେବେ ଜୀବନଟା ଜ୍ୟୋତ୍ସ୍ନା ବିଧୌତ
ସତେଜ ସ୍ନିଗ୍ଧ ଛୁଆଁ
କେବେ ସ୍ନେହ ଭିଜା ମୌସୁମୀ କେବେ
ଦାରୁଣ ନିଦାଘ ବାଆ ॥

କେବେ ଦୃଶ୍ୟମାନ ସ୍ୱର୍ଣ୍ଣ ମାୟାମୃଗ
ଉତ୍ତାଳ କରଇ ମନ
କେବେ ଛଳନାର ଜଉଘର ଦିଏ
ବିପଦର ଆମନ୍ତ୍ରଣ ॥

କେବେ ଜୀବନଟା ପ୍ରାଚୀଦେଶ ପରେ
ଖୁସି କିରଣର ଝୋଟି
କେବେ ପୁଣି ହୁଏ ପ୍ରତିଚୀ ଗଗନେ
ଭିନ୍ନ ଛବି ପରିପାଟୀ ॥

କେବେ ରାକା ଅବା ଅମା ରଜନୀ ସେ
କେବେ ପ୍ରେମ କେବେ ଧୋକା
ଐଶ୍ୱର୍ଯ୍ୟ ସାଥିରେ ଭାବ ଥାଏ ବନ୍ଧା
ନିଃସ୍ୱତାରେ ଅଣଦେଖା ॥

ବିଶ୍ୱାସରେ କେବେ ବିଷ ମିଶିଗଲେ
ବୁଦ୍ଧି ହୋଇଯାଏ ବଣା
କେବେ କପଟର ଭବ୍ୟ ସ୍ୱାଗତମ
ଭରସାରେ ପ୍ରତାରଣା ॥

ଭଲକାମ ପାଇଁ କେବେ ଅପବାଦ
ମିଳେ ପୁଣି କେବେ ଯଶ
ସବୁକୁ ସାଉଁଟି ଖୁସି ଦେବା ବାଣ୍ଟି
ଏଇ ଜୀବନ ନିର୍ଯ୍ୟାସ ॥

ଆଳି, କେନ୍ଦ୍ରାପଡା


# ରଜ ଆସିଛି

**କାଳି ଦାସ**



ମୋ ସହର ଆକାଶରେ କଳା କଳା ମେଘ
ମିଠା ମିଠା ମାଟିରର ବାସ୍ନା,
ଗୁଳୁଗୁଳି ପାଗ ।
ରଜ ଆସିଗଲା ।
ମିଠା ମିଠା ପିଠାର ବାସ୍ନା
ବନ୍ଧୁ ତାର ଆବେଗ
ଅବୁଝା ସରଳ ଆଖି ପତାର ଚାହାଣିରେ
ରଜର ସଜ ।
ରଜ ନେଇ ଆସେ ପୁରୁଣା ଦିନର ସ୍ମୃତିକୁ
ଜୀବନର ଝଡ ଝଞ୍ଜା ସତ୍ତ୍ୱେ ଯେମିତି ଥମି ଯାଏ ।
ଲାଭ ଓ କ୍ଷତିର ଅଙ୍କ କଷା ରହିଯାଏ ।
ମନେ ପଡେ ଶୈଶବ ।
ଗଛ ଡାଳରେ ବନ୍ଧା ଦୋଳି
ବାନ୍ଧବୀଙ୍କ ମେଳରେ ଲୁଚକାଳି ।
ସେ ସମୟ ଚାଲିଯାଇଛି, ମତେ ପଛରେ ପକାଇ ।
ଆଜି ପୁଣି ରଜ ଆସିଛି ।
ଅସୁମାରୀ ସ୍ୱପ୍ନ ଧରି ।
ଅନେକ ଶୈଶବଙ୍କ ମନକୁ ରଙ୍ଗୀନ କରୁଛି ।
ଫୁଲର ପାଖୁଡା ପରି ।
ଶିଶୁ ମାନେ ରଜକୁ ନେଇ ଖୁସି ହେଉଛନ୍ତି ।
ମୋ ସ୍ମୃତି ମତେ ଅଥୟ କରୁଛି ।
ଫେରି ଆସ ହେ ମୋର ଶୈଶବ
ପାଳିବି ମୁଁ ରଜର ଉତ୍ସବ ।
ଗଛ ଡ଼ାଳରେ ବନ୍ଧା ଦୋଳିରେ ଝୁଲିବି ।
ସାଙ୍ଗ ସାଥିକୁ ନେଇ ମୁଁ ବି ଖେଳିବି ।
ଭୁଲି ଯିବି ଆଜିର ଦାୟିତ୍ୱର ବୋଝ ।
ଜୀବନ ହୋଇଯିବ ମୋ ପାଇଁ ସହଜ ।

ବ୍ରହ୍ମପୁର, ଖୋଡ଼ାସିଙ୍ଗ, କଳିଙ୍ଗନଗର
ଫୋନ୍- ୭୨୦୫୧୦୦୮୩୯



# ଭାବାନ୍ତର

**ଶରତ ଦାଶ**



ଆଜି ବି ମନର ନିଭୃତ ଅଜ୍ଞାତ
କୋଣରେ ଜଳୁଛି ନିଆଁ
ଆଜି ବି ଅଶାନ୍ତ ଆଶାର ଆକାଶେ
ସ୍ୱପ୍ନ କାଉଁରିଛୁଆଁ ॥

ଆଜି ବି କାନ୍ଦୁଛି ଶିଶୁଟିଏ ହୋଇ
ହଜିଲା ଅତୀତ ପାଇଁ
ଆଜି ବି ଭାଳୁଛି ପିଲାଦିନ କଥା
ଦୂର ଚକ୍ରବାଳେ ଚାହିଁ ॥

ଆଜି ବି ଝୁରୁଛି ସବୁଜିମାଭରା
ଅତି ସୁନ୍ଦର ମୋ ଗାଆଁ
ପରସ୍ପର ପ୍ରୀତି ସ୍ନେହ ସୌହାର୍ଦ୍ଦ୍ୟରେ
ଚମକୁଥିଲା ଯା ନାଆଁ ॥

ଆଜି ବି ଡାକୁଛି ଧୀରେ ହାତଠାରି
ଅଳକାନନ୍ଦୀର ପାଣି
ଯାର କୂଳେ ବସି କିଶୋର ବୟସ
କଟିଥିଲା ଢେଉ ଗଣି ॥

ଆଜି ବି ଭକ୍ତିରେ ନଇଁଯାଏ ମଥା
ସନ୍ଧ୍ୟା ଆସିଲେ ନଇଁ
ନୀଳକଣ୍ଠେଶ୍ୱର ମନ୍ଦିର ଆଳତି
ଶୁଭେ କାନେ ରହି ରହି ॥

ଆଜି ବି ଶୁଭଇ ଜେଜେବାପାଙ୍କର
ପ୍ରୀତିଶିକ୍ତ କଣ୍ଠସ୍ୱର
ଜେଜେମାଆ ଡାକେ କାହିଁ ଗଲୁ ଧନ
ହେଲାଣି ବେଳ ଉଛୁର ॥

ଆଜି ବି ଭାବରେ କରଇ ବିଭୋର
ବାପାଙ୍କ ଆଦର ସ୍ନେହ
ବୋଉ କଥା ଭାବି ଆଖିରେ ଉଚ୍ଛୁଳେ
ଅମାନିଆଁ କେତେ ଲୁହ ॥

ମାନବଜୀବନ ଅତି ଦୁଃଖପୂର୍ଣ୍ଣ
ସମୟ ନିଏ ଚୋରାଇ
ଅତି ଆପଣର ମଣିଷ ମାନଙ୍କୁ
ଅତୀବ ନିଷ୍ଠୁର ହୋଇ ॥

କାମନା ବାସନା ସବୁ ହୁଏ ଚୂନା
ସମୟ ହେଲେ ବଇରୀ
ଆଜି ଯେ ରାଜନ କାଲି ସେ ହୁଅଇ
ଦରିଦ୍ର ଦାଣ୍ଡଭିକାରୀ ॥

ଆହେ ଦୁଃଖହାରୀ କାଣିଚାଏ କୃପା
କର ଦୟାବହି ଦାନ
କାମନା ବାସନା ବହ୍ନିରେ ନଜଳୁ
ନିରୀମାଖି ଦୁଃଖୀ ପ୍ରାଣ ॥

ଭୁବନେଶ୍ୱର

# ଦୁଃଖ ଦେଏ ନାହିଁ ଏତେ

**ଧୀରେନ୍ଦ୍ର ମଲ୍ଲିକ**


ସୁଖ ଯଦି ମୋର କପାଳେ ଲେଖିନୁ
ମାଗୁଣି କାହିଁକି କରିବି ଆଉ,
ସଂସାର ନାବ ମୋ ପାରି କରିଦେବୁ
ଆଶା ମୋ ଏତିକି ହେ ମହାବାହୁ ।
ରତ୍ନ ସିଂହାସନୁ ଓହ୍ଲାଇ ଆସିତୁ
ଦେଖିଯିବୁ ଥରେ ମୋହରି ଘର,
ପୁଅ ଝିଅ ପତ୍ନୀ କେତେ ଦୁଃଖେଛନ୍ତି
ମନରେ ରହିଛି ଅଶେଷ ଡର ।
ଅଳପ ବୟସେ ଅନ୍ଧ କରିଦେଲୁ
କେଉଁ କାର୍ଯ୍ୟ ଆଉ ପାରୁନି କରି,
ସୁନ୍ଦର ପୃଥିବୀ ଅନ୍ଧାର ଲାଗଇ
ବାଟ ମୁଁ ଚାଲୁଛି ବାଡ଼ିକୁ ଧରି ।
ଅନ୍ୟର ସାହାରା ସାଜିବା ଆଗରୁ
ବୋଝ ହେଇଗଲି ସମାଜ ପାଇଁ,
ଅଶୁଭ ମଣିଷ କହୁଛନ୍ତି ସର୍ବେ
ମୋ ପରିକା କେହି ଜଗତେ ନାହିଁ ।
ପେଟର ଭୋକକୁ ମାରିବା ପାଇଁକି
ଦାନା ଦୁଇ ମୁଠା ପାରୁନି ଆଣି,
ଓଳିଏ ଖାଇଲେ ଓଳିଏ ଉପାସ
ସବୁକଥା ତୁହି ଅଛୁରେ ଜାଣି ।
ପଢିବା ବୟସେ ପୁଅ ଝିଅ ମୋର
କାନ୍ଦୁଛନ୍ତି ଘର ଭିତରେ ବସି,
ବଡ଼ ପାପୀ ମୁହିଁ ମୋର ଲାଗି ପରା
ହଜିଗଲା ତାଙ୍କ ଜୀବନୁ ଖୁସି ।
ଏତେ ଯଦି ଦୁଃଖ ଲେଖିଥିଲୁ ଭାଗ୍ୟେ
ସଂସାର ବନ୍ଧନେ ବାନ୍ଧିଲୁ କିଆଁ,
ଯୁବ ଅବସ୍ଥାରେ ଜୀବନକୁ ମୋର
ପାଉଁଶ କରିଲୁ ଲଗେଇ ନିଆଁ ।
ଏହା ଯଦି ମୋର କଲାକର୍ମ ଫଳ
ତେବେ ମାରିଦିଏ ଏବେରେ ମୋତେ,
ହେଲେ ନିର୍ଦ୍ଦୋଷ ମୋ ପିଲା ଓ ପତ୍ନୀଙ୍କୁ
ଦୁଃଖ ଦେଏ ନାହିଁ ଆଉ ତୁ ଏତେ ॥

ସମ୍ପାଦକ:ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ଫୋନ୍-୭୯୦୪୩୯୨୬୮୬

ଭୁବନେଶ୍ୱର
୧୪ ଜୁନ୍,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

## ଦେହ କଶ୍‌ମଶ୍ କରୁଛି, ଜ୍ୱର ହେବ ଏହା ତ ଜଣାଥିଲା



## ପଟି ଦିଅଁ




## ରଥଯାତ୍ରାରେ ସୁରକ୍ଷା ନେଇ ରେଲଷ୍ଟେସନରେ ମକଡ୍ରିଲ୍

**ପୁରୀ, ୧୩।୦୬:ନ୍ୟୁଜ୍‌ବ୍ୟୁରୋ**

ରଥଯାତ୍ରା ସମୟରେ ଆତଙ୍କବାଦୀ ଆକ୍ରମଣକୁ ମୁକାବିଲା ଏବଂ ଭକ୍ତ ଓ ଯାତ୍ରୀଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ସେନେଇ ପୁରୀ ରେଲୱେ ଷ୍ଟେସନରେ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ପୋଲିସ, ଜିଆରପି, ଆରପିଏଫ, ଅଗ୍ନିଶମ ବାହିନୀ, ଓଡ଼ିଶା ପୋଲିସର ଏସଟିଯ୍ୟୁ କମାଣ୍ଡୋ, ଓଡ୍ରାଫ ମଧ୍ୟ ଏହି ମକ୍‌ଡ୍ରିଲରେ ସାମିଲ ହୋଇଥିଲେ। ଆତଙ୍କବାଦୀଙ୍କ ଦ୍ୱାରା ଟ୍ରେନ୍ ହାଇଜାକ୍ କରାଗଲେ କିମ୍ବା ଷ୍ଟେସନ ଉପରେ ଆକ୍ରମଣ ହେଲେ କିଭଳି ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପାରିବ ଏବଂ କିଭଳି ଆତଙ୍କବାଦୀଙ୍କୁ ନିପାତ କରାଯାଇପାରିବ ସେନେଇ ସମ୍ପୂର୍ଣ୍ଣ ମକଡ୍ରିଲ କରାଯାଇଥିଲା।



ଭୁବନେଶ୍ୱର : ଶ୍ରୀଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ରାଜ୍ୟ ଅତିଥି ଭବନରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ଭଦ୍ରକରେ ଉତ୍ତେଜନା ମଧ୍ୟରେ ଇଣ୍ଟରନେଟ୍ ସେବା ଆଉ ୧୨ ଘଣ୍ଟା ବନ୍ଦ : ୨୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

**ଭୁବନେଶ୍ୱର, ୧୩।୦୬:ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ପ୍ରଶାସନ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭ୍ରାନ୍ତିମୂଳକ ସୂଚନା ପ୍ରସାରକୁ ରୋକିବା ଏବଂ ସାର୍ବଜନୀନ ଶାନ୍ତି ବ୍ୟବସ୍ଥା ବଜାୟ ରଖିବା ପାଇଁ ଇଣ୍ଟରନେଟ୍ ସେବାକୁ ଆଉ ୧୨ ଘଣ୍ଟା ପାଇଁ ବନ୍ଦ କରିଛି।

ମେ ୩୦ରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଘଟିଥିବା ହିଂସାତ୍ମକ ଗଣ୍ଡଗୋଳରେ ଗୁରୁତର ଆହତ ହୋଇଥିବା ତିହିଡ଼ି ଅଞ୍ଚଳର ବାସିନ୍ଦା ସନ୍ତୋଷ ପରିଡ଼ା ବୁଧବାର ଦିନ ମୃତ୍ୟୁବରଣ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗାଈ ପରିବହନ ସଂପର୍କିତ ବିବାଦକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ସନ୍ତୋଷଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଉତ୍ତେଜନା ଓ ଅଶାନ୍ତି ବ୍ୟାପିଯାଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଓ ଯେକୌଣସି ଅପ୍ରୀତିକର ଘଟଣାକୁ ରୋକିବା ପାଇଁ ଭଦ୍ରକ ପୋଲିସ ସମ୍ବେଦନଶୀଳ ଅଞ୍ଚଳମାନେରେ ୨୭ ପ୍ଲାଟୁନ୍ ସୁରକ୍ଷା ବଳ ମୁତୟନ କରିଛି। ୪୫ରୁ ଅଧିକ ବରିଷ୍ଠ ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ କରୁଛନ୍ତି। ପ୍ରଶାସନ ହିଂସା ସମ୍ପର୍କିତ ମାମଲାରେ ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଗିରଫ କରାଯାଇଛି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ସ୍ୱାମୀଙ୍କ ଶାରୀରିକ ଦୁର୍ବଳତାକୁ ନେଇ ଅପଶବ୍ଦ ବିବାହ ବିଚ୍ଛେଦ ପାଇଁ ପର୍ଯ୍ୟାପ୍ତ

**କଟକ, ୧୩।୦୬:ନ୍ୟୁଜ୍‌ବ୍ୟୁରୋ**

ସ୍ୱାମୀଙ୍କ ଶାରୀରିକ ଦୁର୍ବଳତା/ଅକ୍ଷମତା ପ୍ରସଙ୍ଗରେ ଆକ୍ଷେପ କରି ମନ୍ତବ୍ୟ ଦେବା ଓ ତାଙ୍କର ଏଭଳି ସ୍ଥିତି ନେଇ ଅପମାନଜନକ ଶବ୍ଦ ପ୍ରୟୋଗ କରିବା ଏକ ପ୍ରକାର ମାନସିକ ନୃଶଂସତା। ବିବାହ ବିଚ୍ଛେଦ ନିର୍ଦ୍ଦେଶ ପ୍ରଦାନ ପାଇଁ ଏପରି କାରଣ ପର୍ଯ୍ୟାପ୍ତ ଆଧାର ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ସ୍ୱାମୀଙ୍କ ଆବେଦନକୁ ଗ୍ରହଣ କରି ବିବାହ ବିଚ୍ଛେଦ ସପକ୍ଷରେ ପୁରୀ ପରିବାର ଅଦାଲତ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଷ୍ଟିସ୍ ବିଭୁପ୍ରସାଦ ରାଉତରାୟ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରକାଶ କରିଥିବା ରାୟରେ ଉଲ୍ଲେଖ କରାଯାଇଛି ଯେ ଶାରୀରିକ ଦୁର୍ବଳତା ପ୍ରସଙ୍ଗରେ ସ୍ୱାମୀଙ୍କ ବିରୋଧରେ ପତ୍ନୀ ଏପରି ମନ୍ତବ୍ୟ ଦେବା ତାଙ୍କୁ ମାନସିକ କଷ୍ଟ ଦେଉଥିବ। ଏପରି ବ୍ୟବହାର ସ୍ୱାମୀଙ୍କ ପ୍ରତି ପତ୍ନୀଙ୍କ ଚିନ୍ତାଧାରା ଓ ସମ୍ମାନକୁ ପ୍ରକାଶ କରୁଛି। ସ୍ୱାମୀ-ସ୍ତ୍ରୀ ସଂପର୍କରେ ଶାରୀରିକ ଦୁର୍ବଳତା ସତ୍ତ୍ୱେ ସ୍ୱାମୀଙ୍କୁ ପତ୍ନୀ ସମର୍ଥନ ଦେବେ ବୋଲି ଆଶା କରାଯାଏ। ଏହି ମାମଲାରେ ସ୍ୱାମୀଙ୍କ ଶାରୀରିକ ଦୁର୍ବଳତା ପାଇଁ ପତ୍ନୀ ଆକ୍ଷେପ କରିବା ସହିତ କଟୁ ଟିପ୍ପଣୀ ଦେଉଥିବା ସ୍ପଷ୍ଟ ହୋଇଛି। ମାନସିକ ନୃଶଂସତା ଆଧାରରେ ପୁରୀ ପରିବାର ଅଦାଲତ ବିବାହ ବିଚ୍ଛେଦ ପାଇଁ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନ୍ୟପକ୍ଷରେ ପତି-ପତ୍ନୀଙ୍କ ଆୟ ସଂପର୍କିତ କୌଣସି ତଥ୍ୟ ମାମଲାର ରେକର୍ଡରେ ନଥିଲା। ଏଭଳି ସ୍ଥିତିରେ ହିନ୍ଦୁ ବିବାହ ଆଇନ ଅନୁସାରେ ପତ୍ନୀ ସ୍ଥାୟୀ



ଭରଣପୋଷଣ ମଞ୍ଜୁର ଓ ସ୍ତ୍ରୀଧନ ଫେରସ୍ତ ଦାବି ପ୍ରସଙ୍ଗକୁ ପରିବାର ଅଦାଲତରେ ଉଠାଇ ପାରିବେ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ସ୍ୱାମୀ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ପତ୍ନୀଙ୍କ ଦ୍ୱାରା ନିର୍ଯାତିତ ବୋଲି ଅଭିଯୋଗ କରିଥିଲେ। ୨୦୧୬ରେ ବିବାହ ହୋଇଥିବା ବେଳେ ୨୦୧୯ରେ ସ୍ୱାମୀ ପୁରୀ ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ପତ୍ନୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ତାଙ୍କ ଶାରୀରିକ ଦୁର୍ବଳତା ପ୍ରସଙ୍ଗକୁ ନେଇ ପତ୍ନୀ ଆକ୍ଷେପ କରିବା ସହିତ କଟୁ ଶବ୍ଦ ପ୍ରୟୋଗ କରି ମନ୍ତବ୍ୟ ଦିଅନ୍ତି ବୋଲି ସ୍ୱାମୀ ଅଭିଯୋଗ କରିଥିଲେ। ଅଦାଲତରେ ସାକ୍ଷ୍ୟ ଗ୍ରହଣ ବେଳେ ସ୍ୱାମୀ ମଧ୍ୟ ତାଙ୍କ ବୟାନରେ ସମାନ କଥା କହିଥିଲେ। ସ୍ୱାମୀଙ୍କ ଏପରି କଥାକୁ ଭୁଲ ବୋଲି ଅଦାଲତରେ ପ୍ରମାଣ କରାଯାଇ ପାରି ନଥିଲା। ପରିବାର ଅଦାଲତ ବିବାହ ବିଚ୍ଛେଦ ପାଇଁ ୨୦୨୩ରେ ରାୟ ଦେଇଥିଲେ। ପତ୍ନୀଙ୍କୁ କୌଣସି ସ୍ଥାୟୀ ଭରଣପୋଷଣ ମଞ୍ଜୁର ନ କରି ପରିବାର ଅଦାଲତ ବିବାହ ବିଚ୍ଛେଦ ରାୟ ପ୍ରଦାନ କରିଥିବାରୁ ଏପରି ରାୟକୁ ବିରୋଧ କରି ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୨୦୩୬ ପାଇଁ ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ : ମୁଖ୍ୟମନ୍ତ୍ରୀ

**କଟକ, ୧୩।୦୬ ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ବିଳମ୍ବିତ ରାତ୍ରିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଚାନକ କଟକ ଗସ୍ତ କରିଥିଲେ। କଟକ ଗତିରାଉତପାଟଣାରେ ଶିକ୍ଷା ବିକାଶ ସମିତିର ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀରେ ହଠାତ ମଧ୍ୟରାତ୍ରିରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ। ଗତିରାଉତ ପାଟଣାରେ ମୁଖ୍ୟମନ୍ତ୍ରୀ ପହଞ୍ଚି ରାତି ପ୍ରାୟ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ପ୍ରଧାନ ଆଚାର୍ଯ୍ୟମାନଙ୍କ ସହ ଆଲୋଚନା କରିବା ସହ ମଞ୍ଚରୁ ଉଦ୍‌ବୋଧନ ମଧ୍ୟ ଦେଇଥିଲେ। ୨୦୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପାଳନ ହେବାକୁ ଥିବାରୁ ଏଥିରେ ଶିକ୍ଷକମାନଙ୍କର ବଡ଼ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଶିକ୍ଷକମାନଙ୍କର ସ୍ୱପ୍ନର ଓଡ଼ିଶା କିଭଳି ହେବା ଆବଶ୍ୟକ ସେ ନେଇ ଶିକ୍ଷକମାନେ ସରକାରଙ୍କୁ ଲିଖିତ ଆକାରରେ ଦେବା ପାଇଁ ଆହ୍ୱାନ କରିଥିଲେ ମୁଖ୍ୟମନ୍ତ୍ରୀ। ଶିକ୍ଷକମାନଙ୍କ ପରାମର୍ଶ ଅନୁସାରେ ୨୦୩୬ ପାଇଁ ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ସହ ସେହି ଧାରାରେ ନୂଆ ଓଡ଼ିଶା ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୩୬ରେ ଓଡ଼ିଶା ଗଠନର ଶତବାର୍ଷିକୀ ଉତ୍ସବର ପାଳନ ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

## ଯାଜପୁରରେ ଝାଡ଼ାବାନ୍ତି ସ୍ଥିତିକୁ ନେଇ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ

**ଯାଜପୁର, ୧୩।୦୬:ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ଆତଙ୍କ ନେଇ ଜିଲ୍ଲାରେ ଛୁଟି ବାତିଲ କରିଯାଇଛି। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ୧୪ ତାରିଖରୁ ୧୬ ତାରିଖ ଯାଏଁ ଛୁଟି ବାତିଲ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଦିଆଯାଇଥିବା ଛୁଟି ମଧ୍ୟ ବାତିଲ ହୋଇଛି। ସମସ୍ତ ସରକାରୀ ଅଫିସ ଖୋଲା ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି। ଝାଡ଼ାବାନ୍ତିରେ ଆଉ ୨ ଜଣଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ ଟପିଯାଇଥିବା ବେଳେ ଦାନଗଦି ଓ ଧର୍ମଶାଳାରେ ସ୍ଥିତି ଉଦ୍‌ବେଗଜନକ



ରହିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ଯାଜପୁର ଜିଲ୍ଲା ଗସ୍ତକରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାରେ ବ୍ୟାପୁଥିବା ଡାଏରିଆରର କାରଣ ଖୋଜିବା ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଇଛି। ଏଥିରେ ଆଇଡିଏସପିର ଇଭେଣ୍ଟ୍ ଡାଇରେକ୍ଟର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କର୍ମକର୍ତ୍ତା ଓ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଏହି ଟିମ୍ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାକାର ସ୍ୱାସ୍ଥ୍ୟ ସୁବିଧା ବିଷୟରେ ପଚାରି ବୁଝିଛନ୍ତି।

ଜିଲ୍ଲାର ଯେଉଁ ଲୋକମାନେ ଚିକିତ୍ସାଳୟରେ ପହଞ୍ଚି ପାରୁନାହାନ୍ତି ସେମାନଙ୍କ ନିକଟକୁ ମୋବାଇଲ୍ ହେଲ୍‌ପ ୟୁନିଟ୍‌କୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ଅଧିକ ମାତ୍ରାରେ ରୋଗୀ ଚିହ୍ନଟ ହେଲେ ଜିଲ୍ଲା ବାହାରୁ ଟିମ୍ ନିୟୋଜିତ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରକାଶ କରିଛନ୍ତି।

ପ୍ରତ୍ୟେକ ପଞ୍ଚାୟତର ଜଳଉତ୍ସଗୁଡ଼ିକୁ ପ୍ରତିସଂକ୍ରମଣ କରାଯିବ। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କୋରେଇ, ବ୍ୟାସନଗର ଓ ଧର୍ମଶାଳା ଅଞ୍ଚଳରୁ ଅଧିକାଂଶ ରୋଗୀ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ବେଳେ ଯାଜପୁର ଅଞ୍ଚଳର କିଛି ଆକ୍ରାନ୍ତ ରୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ୩ ବାଇକ୍ ଆରୋହୀ ମୃତ

**ପଦ୍ମପୁର, ୧୩।୦୬:ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ସଦର ଥାନା ଅଧିନ ଶୁଆକାଟି ଫାଣ୍ଡି ଅନ୍ତର୍ଗତ ଠାକୁରଡିହି ବୁଲାଣି ଛକ ନିକଟରେ ଶୁକ୍ରବାର ଅପରାହ୍ନ ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ତିନି ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବିଭୁ ବାରିକ (୧୫), ବାଦଲ ନାଏକ (୨୨) ଓ ସନତ ନାଏକ (୨୧)। ବିଭୁ ବାରିକ, ବାଦଲ ନାଏକ ଓ ସନତ ନାଏକ ଶୁଆକାଟି ପଟୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ଧକ୍କା ଦେବାରୁ ତିନିଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିଲେ। ଗୁରୁତରମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟଣାଇଥିବା ଗାଡ଼ି ଫେରାର ହୋଇଯାଇଛି।ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଫାଣ୍ଡି ଏସଆଇ ସୁରିନାରାୟଣ ପାତ୍ର ଘଟଣାସ୍ଥଳରୁ ମୃତଦେହ ଜବତ କରିଛନ୍ତି। ପୋଷ୍ଟମର୍ଟମ ପାଇଁ ଏହାକୁ ପଠାଇଛନ୍ତି। ତେବେ ଭାରିଯାନ ଗୁଡ଼ିକ ଅଟକି ରହିଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ଟ୍ରାଫିକ୍ ସମସ୍ୟା ସ୍ୱାଭାବିକ ହୋଇଛି। ଏନେଇ ମାମଲା ରୁଜୁ ହୋଇଛି।

## ଗୁଳି-ବନ୍ଧୁକ କାରବାର ବେଳେ ଚଢ଼ଉ: ଜଣେ ଓଡ଼ିଆ ସମେତ ୫ ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର, ୧୩।୦୬:ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀରେ ବୁଲୁଛି ସ୍ୱୟଂଚାଳିତ ପିସ୍ତଲ, ରିଭଲଭର। ବାହାର ରାଜ୍ୟରୁ ମାରଣାସ୍ତ୍ର ଆଣି ଭୁବନେଶ୍ୱରରେ ଚୋରି, ଡକାୟତି, ରାହଜାନୀ, ଲୁଟ୍ ଭଳି ଅପରାଧ ଏବଂ ହିଂସା ସୃଷ୍ଟି କରିବାକୁ ଚାଲିଛି ଯୋଜନା। ତେବେ ଅପରାଧ ପାଇଁ ବ୍ୟବହାର ହେବାକୁ ଥିବା ଏକ ବଡ଼ଧରଣର ମାରଣାସ୍ତ୍ର ବିକ୍ରି ଯୋଜନାକୁ ଭୁବନେଶ୍ୱର କମିଶନରେଟ ପୁଲିସ ବିଫଳ କରିଛି। ଜଟଣୀର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁକ ବିକ୍ରି ବେଳେ ଏୟାର ଫିଲ୍ଡ ଥାନା ପକ୍ଷରୁ ଅତର୍କିତ ଭାବେ ଚଢ଼ଉ କରାଯାଇ ଜଣେ ଓଡ଼ିଆ ଯୁବକଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୪ଟି ସ୍ୱୟଂଚାଳିତ ପିସ୍ତଲ, ଗୋଟିଏ ରିଭଲଭର ଏବଂ ଗୋଟିଏ ସିଙ୍ଗଲସଟ୍ ମଧ୍ୟ ଜବତ ହୋଇଛି। ପୁଲିସ ହାତରେ ଲାଗିଛି ୭.୬୫ ଏମ୍‌ଏମ୍ ସ୍ୱୟଂଚାଳିତ ପିସ୍ତଲ ସହ ୧୮ ରାଉଣ୍ଡ ଗୁଳି। ଏମାନେ ବାହାର ରାଜ୍ୟରୁ ଚୋରାରେ ବନ୍ଧୁକ ଆଣି ଅପରାଧୀଙ୍କ ହାତକୁ ବଢ଼ାଇ ଦେଉଥିବା ନେଇ ପୁଲିସକୁ ଶୁକ୍ରବାର ସକାଳୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ପୁଲିସ ଘଟଣାସ୍ଥଳରେ ଅତର୍କିତ ଭାବେ ଚଢ଼ଉ କରିଥିଲା। ଅଭିଯୁକ୍ତ ଶେଖ ସକିଲ ହେଉଛି ଏହାର ମାଷ୍ଟରମାଇଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ପୋଖରୀପୁଟ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆର୍ମସ ଡିଲ୍ କରୁଥିଲେ। ଏହି ଗ୍ୟାଙ୍ଗ ଠାରୁ ଜୀବନ୍ତ ଗୁଳି ମଧ୍ୟ ମିଳିଛି। ପୁଲିସ ଜାଣିବାକୁ ପାଇଛି ଯେ, ପ୍ରବୀଣ କୁମାର ଜଟଣୀ ଗେଟ୍ ଅଞ୍ଚଳରେ ୨ମାସ ହେବ ରହୁଥିଲା ସେ ଜଣେ ବୃତ୍ତିଧାରୀ ଅସ୍ତ୍ରଶସ୍ତ୍ର ଚାଲାଣକାରୀ। ଅନ୍ୟ ୩ ଜଣ ହେଉଛନ୍ତି ପ୍ରବୀଣର ଘନିଷ୍ଠ ସହଯୋଗୀ। ମାରଣାସ୍ତ୍ର କେଉଁଠି ବିକ୍ରି କରାଯିବ ସହଯୋଗୀମାନେ କଥାବାର୍ତ୍ତା କରୁଥିଲେ।

